RNI No.ODIODI/2010/33031

୧୭ ବର୍ଷ | Volume- 17

ISSUE -147 | ସଂଖ୍ୟା-୧୪୭

ଭୁବନେଶ୍ୱର, ଶୁକ୍ରବାର ୨୧ ଅଗଷ୍ଟ ୨୦୨୬

Bhubaneswar, Friday 21 August, 2026

୦୮ ପୃଷ୍ଠା | Pages-08

ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00

www.odishamanthan.com

MANTHAN

ମନ୍ଥନ

www.odishamanthan.com RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ଏସ୍ଆରସି ରିପୋର୍ଟ : ବନ୍ୟାରେ ୧୨.୮୭ ଲକ୍ଷ ଲୋକ ପ୍ରଭାବିତ



ଭୁବନେଶ୍ୱର,୨୦।୮(ନି.ପ୍ର.): ଓଡ଼ିଶାରେ ବନ୍ୟା ପରିସ୍ଥିତି ଧୀରେ ଧୀରେ ସୁଧୁରୁଥିବାବେଳେ, ଏବେ ବି ୭ଟି ଜିଲ୍ଲାର ଲକ୍ଷାଧିକ ଲୋକ ପ୍ରଭାବିତ ଅଛନ୍ତି। ସ୍ୱ ?ଶାଲ୍ ରିଲିଫ୍ କମିଶନରଙ୍କ ସଦ୍ୟତମ କାଲାମିଟି ରିପୋର୍ଟ ଅନୁସାରେ ୧୨.୮୭ ଲକ୍ଷ ଲୋକ ବନ୍ୟା ପ୍ରଭାବିତ ହୋଇଥିବାବେଳେ ୪.୪୯ ଲକ୍ଷ ଲୋକଙ୍କୁ ୮୧୨ଟି ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି।

ବାଲେଶ୍ୱର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ପ୍ରଶାସନ ପକ୍ଷରୁ କଡ଼ା ନଜର ରଖାଯାଇଛି। ବନ୍ୟା ଯୋଗୁଁ ୭୫ଟି ବ୍ଲକ୍, ୪୯୭ଟି ଗ୍ରାମପଞ୍ଚାୟତ ଓ ୧,୬୭୧ଟି ଗାଁ ପ୍ରଭାବିତ ହୋଇଛି। ରାଜ୍ୟରେ ୧୭୯ଟି ଉଦ୍ଧାରକାରୀ ଦଳ (ଓଡ୍ରାଫ, ଏନଡିଆରଏଫ, ଅଗ୍ନିଶମ ଓ ସିଭିଲ୍ ଡିଫେନ୍ସ) ମୁତୟନ ଅଛନ୍ତି। ଏପର୍ଯ୍ୟନ୍ତ ୧୧,୦୪୨ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୭,୨୧୩ ଜଣଙ୍କୁ ଡଙ୍ଗା ଯୋଗେ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ପ୍ରଭାବିତ ଅଞ୍ଚଳରେ ୧୮୫ଟି ମାଗଣା ରୋଷେଇ କେନ୍ଦ୍ର ଚାଲିଛି। ଲୋକଙ୍କୁ ୭୭୬ କ୍ୱିଣ୍ଟାଲରୁ ଅଧିକ ଶୁଖିଲା ଖାଦ୍ୟ ଓ ୧,୨୯୩ ଟି ପଲିଥିନ୍ ସିଟ୍ ବଣ୍ଟନ କରାଯାଇଛି।ବନ୍ୟାରେ ୧୦୩ଟି ରାସ୍ତା ଓ ସେତୁ କ୍ଷତିଗ୍ରସ୍ତ ହୋଇଥିବାବେଳେ ୬,୯୬୦ଟି ନଳକୂଅ ଓ ୨୨୮ଟି ପାନୀୟ ଜଳ ପ୍ରକଳ୍ପ ପ୍ରଭାବିତ ହୋଇଛି। ପ୍ରାୟ ୭୩,୪୯୫ ବିଦ୍ୟୁତ ଉପଭୋକ୍ତା ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଥିଲେ, ଯାହାର ପୁନରୁଦ୍ଧାର କାମ ଜାରି ରହିଛି। କୃଷି କ୍ଷେତ୍ରରେ ୬୯,୯୭୪ ହେକ୍ଟର ଫସଲ, ମୁଖ୍ୟତଃ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି। ସେହିପରି ୫.୨୮ ଲକ୍ଷ କୁକୁଡ଼ା ଓ ୫୫ ହଜାରରୁ ଅଧିକ ପଶୁଧନ ପ୍ରଭାବିତ ହୋଇଛି।ରାଜ୍ୟରେ ୧୫୯ଟି ମେଡିକାଲ୍ କ୍ୟାମ୍ପ ମାଧ୍ୟମରେ ୯,୨୬୧ ଜଣଙ୍କୁ ଚିକିତ୍ସା ଦିଆଯାଇଛି। ଡାଇରିଆର ୩୦ ଓ ସାପ କାମୁଡ଼ାର ୧୯ଟି ମାମଲା ସାମ୍ନାକୁ ଆସିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ମାନବ ମୃତ୍ୟୁ ରିପୋର୍ଟ ହୋଇନାହିଁ ବୋଲି ଏସ୍ଆରସି ସ୍ପଷ୍ଟ କରିଛନ୍ତି।

## ବର୍ଷା ନେଇ ସତର୍କତା

ଭୁବନେଶ୍ୱର,୨୦।୮: ଓଡ଼ିଶାରେ ପୁଣି ସକ୍ରିୟ ହେବାକୁ ଯାଉଛି ବର୍ଷା। ଭାରତୀୟ ପାଣିପାଗ ବିଭାଗ ଆସନ୍ତା ୫ ଦିନ ପାଇଁ ରାଜ୍ୟର ଅନେକ ଜିଲ୍ଲାକୁ ବଜ୍ରପାତ, ଘଡ଼ଘଡ଼ି ସହ ବର୍ଷା ଓ ପ୍ରବଳ ବର୍ଷା ନେଇ ସତର୍କ କରିଛି। ୨୩ ଅଗଷ୍ଟରେ କେନ୍ଦୁଝର ଓ ମୟୂରଭଞ୍ଜ ପାଇଁ ଅରେଞ୍ଜ ସତର୍କତା ଜାରି ହୋଇଥିବାବେଳେ ଉତ୍ତର ଓ ଉପକୂଳ ଓଡ଼ିଶାରେ ଭାରି ବର୍ଷାର ସମ୍ଭାବନା ରହିଛି। ଆଇଏମଡିର ସୂଚନା ଅନୁଯାୟୀ, ଆଗାମୀ ୨୪ ଘଣ୍ଟାରେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ ମୟୂରଭଞ୍ଜରେ ୩୦-୪୦ କି.ମି. ବେଗର ଝଟକା ପବନ ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହି ୪ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୨ ଅଗଷ୍ଟରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରରେ ପ୍ରବଳ ବର୍ଷା ହୋଇପାରେ। ସେହିପରି ୨୩ ତାରିଖରେ କେନ୍ଦୁଝର-ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି।୨୪ ଅଗଷ୍ଟ: ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ୨୫ ଅଗଷ୍ଟ: ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ୨୬ ଅଗଷ୍ଟ: କେନ୍ଦୁଝର ଓ ମୟୂରଭଞ୍ଜ। ରାଜଧାନୀରେ ଆକାଶ ଆଂଶିକ ମେଘୁଆ ରହିବ ଏବଂ ବର୍ଷା କିମ୍ବା ଘଡ଼ଘଡ଼ି ସହ ବଜ୍ରପାତର ସମ୍ଭାବନା ରହିଛି। ସର୍ବାଧିକ ତାପମାତ୍ରା ୩୪ସେ. ଓ ସର୍ବନିମ୍ନ ୨୬ସେ. ରହିପାରେ। ପ୍ରବଳ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ଜଳବନ୍ଦୀ, ସ୍ଥାନୀୟ ବନ୍ୟା, ଟ୍ରାଫିକ ବାଧା, କଚ୍ଚା ରାସ୍ତା କ୍ଷତି ଓ ଫସଲର କ୍ଷୟକ୍ଷତି ହୋଇପାରେ। ଲୋକଙ୍କୁ ଜଳବନ୍ଦୀ ଅଞ୍ଚଳ ଓ ଦୁର୍ବଳ ଘରଠାରୁ ଦୂରେ ରହିବାକୁ ପରାମର୍ଶ ଦିଆଯାଇଛି।

## ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୦।୮(ଏଜେନ୍ସି): ଦିଲ୍ଲୀ ଜନ୍ତରମନ୍ତରରେ ଆନ୍ଦୋଳନରତ ଛାତ୍ରଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ମାମଲାର ତଦନ୍ତ ପାଇଁ ସର୍ବୋଚ୍ଚ ଅଦାଲତ ନୂତନ ଯାଞ୍ଚ କମିଟି ଗଠନ କରିଛନ୍ତି । ଜଣେ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ପାଞ୍ଚ ଜଣିଆ ଉଚ୍ଚ-କ୍ଷମତାପ୍ରାପ୍ତ ତଦନ୍ତ କମିଟି ଗଠନ ହୋଇଛି । ଯଥାଶୀଘ୍ର ତଦନ୍ତ କରି ପରବର୍ତ୍ତୀ ଶୁଣାଣି ପୂର୍ବରୁ ଅନ୍ତରୀଣ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

କମିଟିରେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଆର. ସୁଭାଷ ରେଡ୍ଡୀ ଅଧ୍ୟକ୍ଷତା କରିବେ । ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଅଛନ୍ତି ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ରବି ଶଙ୍କର ଝା, ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଶଲିନ୍ଦର କୌର, ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଋଷି କୁମାର ଶୁକ୍ଲା ଏବଂ ଜଣେ ଅବସରପ୍ରାପ୍ତ ଆଇପିଏସ୍ ତଥା ପୂର୍ବତନ ମେଘାଳୟ ଆରକ୍ଷୀ ମହାନିର୍ଦ୍ଦେଶକ ଡକ୍ଟର ଏଲ.ଆର. ବିଷ୍ଣ ?ଇ । ଏହି କମିଟି ଗତ ୨୦ ଜୁଲାଇରେ ଛାତ୍ର ଆନ୍ଦୋଳନବେଳେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ହୋଇଥିବା କାର୍ଯ୍ୟାନୁଷ୍ଠାନ ଅଭିଯୋଗର ଯାଞ୍ଚ କରିବେ । କମିଟି ପେଲେଟ୍ ଗନ୍, ବୈଦ୍ୟୁତିକ ବାଡ଼ି, ଲାଠିଚାର୍ଜ ଏବଂ ଲୁହବୁହା ଗ୍ୟାସର ମାତ୍ରାଧିକ ବ୍ୟବହାର, ମହିଳା ବିକ୍ଷୋଭକାରୀଙ୍କ ବିରୁଦ୍ଧରେ ହିଂସା, ଭିଡ଼ ନିୟନ୍ତ୍ରଣର ପ୍ରକ୍ରିୟା , ପୀଡିତଙ୍କ ପାଇଁ ଚିକିତ୍ସା ସହାୟତା ଏବଂ କ୍ଷତିପୂରଣ ସମ୍ପର୍କିତ ପ୍ରସଙ୍ଗ ସମେତ ଅନେକ ଅଭିଯୋଗର ତଦନ୍ତ କରିବ ।

ସେହିପରି ପୋଲିସ ପକ୍ଷରୁ ହୋଇଥିବା ଅଭିଯୋଗର ମଧ୍ୟ କମିଟି ଯାଞ୍ଚ କରିବ । ପୋଲିସ ଉପରକୁ ପଥର ମାଡ଼, ସାର୍ବଜନୀନ ସମ୍ପତ୍ତିକୁ କ୍ଷତି ପହଁଚାଇବା ଭଳି ଅଭିଯୋଗର ଯାଞ୍ଚ କରି ସୁପ୍ରିମକୋର୍ଟଙ୍କୁ ରିପୋର୍ଟ ପ୍ରଦାନ କରିବେ ।

ଆଜି ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଛାତ୍ର ପ୍ରତିବାଦ ସମୟରେ ଘଟିଥିବା ହିଂସା ସମ୍ପର୍କିତ ଅନେକ ରିଟ୍ ଆବେଦନର ଶୁଣାଣି କରିଛନ୍ତି। ଖଣ୍ଡପୀଠ ଉଭୟ ପକ୍ଷରୁ ହୋଇଥିବା ଅଭିଯୋଗର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହି ଉଚ୍ଚ ସ୍ତରୀୟ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଅନଲାଇନ୍ ଅଟୋ ଷ୍ଟାଣ୍ଡ ଉପରେ ବୁଲଡୋଜର୍ ଆକ୍ସନ

## ମନ୍ତ୍ରୀଙ୍କ ଚେତାବନୀ କ୍ଷତି ଭରଣା କରିବେ ଗାଡ଼ି ମାଲିକ

ଭୁବନେଶ୍ୱର,୨୦।୮(ନି.ପ୍ର.): ରାଜଧାନୀ ଭୁବନେଶ୍ୱରରେ ଅନଲାଇନ୍ ଅଟୋ ଏବଂ କ୍ୟାବ୍ ଚାଳକ ଆନ୍ଦୋଳନର ଆଢୁଆଳରେ ଯେଉଁ ହିଂସାକାଣ୍ଡ ଭିଆଇଛନ୍ତି, ସେଥିପାଇଁ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଅମାନିଆଙ୍କୁ ସାବାଡ଼୍ କରିବାକୁ ସରକାର ବୁଲଡୋଜର୍ ଆକ୍ସନ ଆପଣାଇଛନ୍ତି । ଗୁରୁବାର କମିଶନରେଟ୍ ପୋଲିସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନରେ ଥିବା ଅନଲାଇନ୍ ଅଟୋ ଷ୍ଟାଣ୍ଡରେ ବୁଲଡୋଜର୍ ଚାଲିଛି ।



ମାଷ୍ଟରକ୍ୟାଣ୍ଟିନ ଛକରେ ଥିବା ଏକ ସରକାରୀ ଜମି ଉପରେ ବେଆଇନଭାବେ ଅନଲାଇନ୍ ଡ୍ରାଇଭର ସଂଘ ଏକ ଅଟୋ ଷ୍ଟାଣ୍ଡ କରିଥିଲା । ଏଠାରେ ପୂର୍ବରୁ ମଧ୍ୟ ବିଭିନ୍ନ ଅପରାଧ ପାଇଁ ଯୋଜନା ପ୍ରସ୍ତୁତ କରାଯାଉଥିବାର ଅଭିଯୋଗ ହୋଇଥିଲା । କିନ୍ତୁ ଗତକାଲି ଯେଉଁ ପ୍ରକାର ଅରାଜକତା ସୃଷ୍ଟି କରିବାକୁ ଚେଷ୍ଟା କରାଗଲା, ଏହା ପରେ ପୋଲିସ ଆକ୍ସନ୍ ମୁଡକୁ ଆସିଛି । ଆଜି ଉକ୍ତ ବେଆଇନ ଅଟୋ ଷ୍ଟାଣ୍ଡକୁ ଜେସିବି ମେସିନ୍ ଲଗାଇ ଭାଙ୍ଗି ଦିଆଯାଇଛି । ସେପଟେ ଆନ୍ଦୋଳନବେଳେ ହିଂସା ଆଚରଣ କରି ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରିଥିବା ବିକ୍ଷୋଭକାରୀ ନିଜେ କ୍ଷତି ଭରଣା କରିବେ ବୋଲି ଚେତାବନୀ ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ଅଟୋ ଡ୍ରାଇଭରମାନେ ଯେଉଁ କାଣ୍ଡ ଘଟାଇଲେ ତାହା ଅତ୍ୟନ୍ତ ଅମାନବୀୟ ଘଟଣା । ଆନ୍ଦୋଳନ ସମୟରେ ଆଇନକୁ ହାତକୁ ନେବା ସହି ସାଧାରଣ ଲୋକଙ୍କ ଉପରେ ଆକ୍ରମଣ କରିଛନ୍ତି । ତତସହିତ ସରକାରୀ ଗାଡି ଭାଙ୍ଗିଛନ୍ତି । ଏପରିକି ପୋଲିସ ଉପରେ ଆକ୍ରମଣ କରିଛନ୍ତି । ତେଣୁ ସମସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବା । ସେହିପରି ଯେଉଁ କ୍ଷତି ହୋଇଛି ତାହାକୁ ଅଟୋ ମାଲିକମାନେ ଭରଣା କରିବେ ବୋଲି କହିଛନ୍ତି ମନ୍ତ୍ରୀ ।

ଉଲ୍ଲେଖ ଯୋଗ୍ୟ, ବୁଧବାର ମାଷ୍ଟରକ୍ୟାଣ୍ଟିନ ଛକରେ ଅନଲାଇନ ଅଟୋ, ଟ୍ୟାକ୍ସି ଓ ବାଇକ ଚାଳକମାନେ ଆନ୍ଦୋଳନ କରୁଥିବାବେଳେ ହିଂସା ପ୍ରଦର୍ଶନ କରିଥିଲେ । କାର୍ଯ୍ୟରତ ପୋଲିସକୁ ଆକ୍ରମଣ କରିବା ସହିତ ଆମ୍ ବସକୁ ପଥର ଫିଙ୍ଗି ଭାଙ୍ଗିଥିଲେ । ଏହି ଘଟଣାରେ ଖାରବେଳନଗର ଥାନାରେ ମୋଟ ୭ଟି ଏଫଆଇଆର୍ ରୁଜୁ ହୋଇଛି। ଏଯାବତ ୧୧୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୪୦୦ରୁ ଅଧିକ ଅଟୋରିକ୍ସାର ପରମିଟ୍ ବାତିଲ ପ୍ରକ୍ରିୟା ଆରମ୍ଭ କରାଯାଇଛି ।

## ବିପଦ ସଂକେତ ପାର୍ କଲା ସୁବର୍ଣ୍ଣରେଖା

ଭୁବନେଶ୍ୱର,୨୦।୮(ନି.ପ୍ର.): ଅଶାନ୍ତ ସୁବର୍ଣ୍ଣରେଖା । ବିପଦ ସଂକେତର ବହୁ ଉପରେ ପ୍ରବାହିତ ହେଉଛି ବନ୍ୟା ପାଣି । ଦାଣ୍ଡ ଦୁଆରେ ନଦୀର ପ୍ରଖର ସୁଅରେ ଭାସୁଛି ବାଉଁଶଖଣା ଗାଁର ଘରଦ୍ୱାର । ଭୋଗରାଇ ବ୍ଲକର ଏବେ ୨୦ ଟି ପଞ୍ଚାୟତ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇ ରହିଛି । ନଦୀ କୁଳିଆ ପଂଚାୟତ କୁମ୍ଭୀରଗଡି ଓ ଆରୁହାବର୍ତ୍ତୀରେ ପାଣି ବଢୁଥିବା ବେଳେ ତଳିଆ ପଂଚାୟତ ଗବ ଗାଁ, କୁସୁଡା, ଖରିଦ ପିପଳ, ଚିରକୁଳା, ନାଛିଣ୍ଡା ଇତ୍ୟାଦି ଅଂଚଳରେ ପାଣି ଆହୁଲା ମାରୁଛି । ଘର ଭିତରେ ଜମି ରହିଛି ବନ୍ୟା ପାଣି । ଦାଣ୍ଡ ଦୁଆରେ ପ୍ରଖର ସୁଅରେ ପାଣି ଚାଲୁଥିବାରୁ ଘରୁ ବାହାରି ପାରୁନାହାନ୍ତି ଲୋକେ । ଏପଟେ ଉଛୁଳୁଛି ଓ ଜଳକା । ବୁଢ଼ାବଳଙ୍ଗ ବି ଫୁଲିଛି । ଯାହା ପୁଣି ଥରେ ନଦୀକୂଳିଆଙ୍କ ନିଦ ହଜାଇଛି । ସୁବର୍ଣ୍ଣରେଖାର ଦ୍ୱିତୀୟ ବନ୍ୟାରେ ଉତ୍ତର ବାଲେଶ୍ୱର ଉବୁଟୁବୁ ହେଉଛି । ଭୋଗରାଇ, ବାଲିଆପାଳ, ଜଳେଶ୍ୱର ବ୍ଲକ୍ ବେଶି ପ୍ରଭାବିତ ହୋଇଛି । ଜିଲ୍ଲାର ୧୨୩ ଗାଁ ଏବେ ବି ଜଳବନ୍ଦୀ ରହିଛି । ଲୋକେ କଳବଲ ହେଉଛନ୍ତି । ଲଘୁଚାପ ଯୋଗୁ ଝାଡଖଣ୍ଡ ମାଳାଞ୍ଚଳରେ ପ୍ରବଳ ବର୍ଷା ହୋଇଛି ।

## ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କ ଦେହାନ୍ତ

ନୂଆଦିଲ୍ଲୀ୨୦।୮(ନି.ପ୍ର.):: ପୂର୍ବତନ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ସଜ୍ଜନ କୁମାରଙ୍କର ଗୁରୁବାର ନିଧନ ହୋଇଯାଇଛି । ୧୯୮୪ ଶିଖ ଦଙ୍ଗା ମାମଲାରେ ତିହାଡ଼ରେ ଆଜୀବନ ସଜା କାଟୁଥିବା ସଜ୍ଜନ କୁମାରଙ୍କ ଦେହାନ୍ତ ହୋଇଛି । ଦିଲ୍ଲୀ ସଫଦରଗଞ୍ଜ ହସ୍ପିଟାଲକୁ ସ୍ଥାନାନ୍ତର ବେଳେ ତାଙ୍କର ଦେହାନ୍ତ ହୋଇଥିବା ଜଣାପଡ଼ିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା ।



ସେପ୍ଟେମ୍ବର ୨୩, ୧୯୪୫ ମସିହାରେ ସଜ୍ଜନ କୁମାର ଦିଲ୍ଲୀରେ ଜନ୍ମ ଗ୍ରହଣ କରିଥିଲେ । ସେ ଆରମ୍ଭରୁ ହିଁ କଂଗ୍ରେସ ଦଳ ସହିତ ଜଡ଼ିତ ଥିଲେ । ସେ ତିନି ତିନି ଥର ଲୋକସଭା ସାଂସଦ ହୋଇଛନ୍ତି । ୧୯୮୦ ମସିହାରେ ସେ ୭ମ ଲୋକସଭା, ୧୯୯୧ ମସିହା ଏବଂ ୨୦୦୪ ମସିହାରେ ପୁନର୍ବାର ଲୋକସଭାକୁ ସାଂସଦଭାବେ ନିର୍ବାଚିତ ହୋଇଥିଲେ । ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଡିସେମ୍ବର ୧୭, ୨୦୧୮ରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ପରେ ସେ ଦଳ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ । ଡିସେମ୍ବର ୧୮ ତାରିଖରେ ସେ କଂଗ୍ରେସରୁ ଇସ୍ତଫା ଦେଇଥିଲେ ।

୪୨ ବର୍ଷ ପୂର୍ବେ ୧୯୮୪ ମସିହା ୧ ଏବଂ ୨ ନଭେମ୍ବର ହୋଇଥିବା ଶିଖ ଦଙ୍ଗାରେ ଦିଲ୍ଲୀ ହାଇକୋର୍ଟ ସଜ୍ଜନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରବର୍ତ୍ତୀ ଦଙ୍ଗାରେ ପାଲମ କଲୋନୀ ଅଞ୍ଚଳରେ ହୋଇଥିବା ହିଂସାରେ ୫ ଜଣ ମୃତ୍ୟୁ ବରଣ କରିବା ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ପାଲମ କଲୋନୀରେ ପାଞ୍ଚ ଜଣ ଶିଖଙ୍କୁ ହତ୍ୟା କରିବା ପରେ ଏକ ଗୁରୁଦ୍ୱାରରେ ନିଆଁ ଲଗାଇ ଦିଆଯାଇଥିଲା । ଏହି ମାମଲାରେ ସଜ୍ଜନ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଡିସେମ୍ବର ୧୭, ୨୦୧୮ରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ।

ସେପ୍ଟେମ୍ବର ୨୦୨୩ରେ, ରାଉଜ୍ ଆଭେନ୍ୟୁ କୋର୍ଟ ଦିଲ୍ଲୀର ସୁଲତାନପୁରୀରେ ତିନି ଜଣ ଶିଖଙ୍କୁ ହତ୍ୟା କରିବା ମାମଲାରେ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଦଙ୍ଗା ସମ୍ପର୍କରେ ଜଣେ ପ୍ରମୁଖ ସିବିଆଇ ସାକ୍ଷୀ ଚାମ୍ କୌର ସଜ୍ଜନ ଭିଡ଼କୁ ଉସୁକାଉଥିବାର ଅଭିଯୋଗ କରିଥିଲେ । ୧୯୮୪ ନଭେମ୍ବର ୧ରେ ଅପରାହ୍ନ ୪ଟାରୁ ସାଢେ ୪ଟା ମଧ୍ୟରେ ଦିଲ୍ଲୀର ସରସ୍ୱତୀ ବିହାରରେ ଯଶବନ୍ତ ସିଂ ଓ ତାଙ୍କ ପୁଅ ତରୁଣଦୀପ ସିଂଙ୍କୁ ଜୀବନ୍ତ ଜାଳି ଦିଆଯାଇଥିଲା । ସଜ୍ଜନ କୁମାରଙ୍କ ନେତୃତ୍ୱରେ ହଜାର ହଜାର ଦଙ୍ଗାକାରୀ ତାଙ୍କ ଘରେ ପଶି ଭଙ୍ଗାରୁଜା କରିବା ସହ ଘରର ସାମଗ୍ରୀ ଲୁଟ୍ କରିବା ସହ ଘରେ ନିଆଁ ଲଗାଇ ଦେଇଥିଲେ।

## ଅକ୍ଟୋବର ୨୪ ଯାଏଁ ଝାରସୁଗୁଡ଼ା-ଭୁବନେଶ୍ୱର ଫ୍ଲାଇଟ୍ ବନ୍ଦ

ଭୁବନେଶ୍ୱର,୨୦।୮(ନି.ପ୍ର.): ପଶ୍ଚିମ ଓଡ଼ିଶାରୁ ରାଜଧାନୀ ଭୁବନେଶ୍ୱରକୁ ସିଧା ବିମାନ ଯାତ୍ରା କରୁଥିବା ଯାତ୍ରୀଙ୍କୁ ବଡ଼ ଝଟକା। ଷ୍ଟାର ଏୟାର ତା'ର ହାଇଦ୍ରାବାଦ-ଝାରସୁଗୁଡ଼ା-ଭୁବନେଶ୍ୱର ବିମାନ ସେବାକୁ ସାମୟିକ ଭାବେ ବନ୍ଦ କରିଛି। ସୋମବାରଠାରୁ ଏହି ସେବା ବନ୍ଦ ହୋଇଥିବା ବେଳେ ଅକ୍ଟୋବର ୨୪, ୨୦୨୬ ପର୍ଯ୍ୟନ୍ତ ଏହା ଚାଲିବ ନାହିଁ ବୋଲି ବିମାନବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି।ଷ୍ଟାର ଏୟାର ପକ୍ଷରୁ ଏହି ନିଷ୍ପତ୍ତି ପଛରେ ଅପରେସନାଲ୍ କାରଣ ଦର୍ଶାଯାଇଥିବା ଜଣାପଡ଼ିଛି। ଏନେଇ ଓଡ଼ିଶା ସରକାରଙ୍କୁ ମଧ୍ୟ ଅବଗତ କରାଯାଇଛି। ଏହାସହ ଏହି ରୁଟ୍‌ରେ ବିମାନ ଚଳାଚଳ ଜାରି ରଖିବା



ପାଇଁ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ସହାୟତାକୁ ଆଉ ୬ ମାସ ବଢ଼ାଇବାକୁ ଏୟାରଲାଇନ୍ ପକ୍ଷରୁ ଅନୁରୋଧ କରାଯାଇଥିବା ସୂଚନା ରହିଛି।

ବିମାନ ଇନ୍ଧନ ବା ଏଟିଏଫ୍ ଦର ବଢ଼ିବା ଯୋଗୁଁ ଏହି ରୁଟ୍‌ରେ ବିମାନ ଚଳାଚଳର ଆର୍ଥିକ ସ୍ଥିତି ପ୍ରଭାବିତ ହୋଇଥିବା କୁହାଯାଉଛି। ଝାରସୁଗୁଡ଼ାରୁ ଭୁବନେଶ୍ୱରକୁ ସିଧା ବିମାନ ସେବା ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଦ୍ରୁତ ଯାତାୟାତର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଥିଲା।ଏହି ସେବା ବନ୍ଦ ହେବା ଦ୍ୱାରା ରୋଗୀ, ଛାତ୍ରଛାତ୍ରୀ, ବ୍ୟବସାୟୀ ଏବଂ ସରକାରୀ କାମରେ ଭୁବନେଶ୍ୱର ଯାଉଥିବା ଲୋକ ଅଧିକ ପ୍ରଭାବିତ ହେବା ଆଶଙ୍କା ରହିଛି। ବିମାନ ସେବା ନଥିବାରୁ ଯାତ୍ରୀଙ୍କୁ ଏବେ ରେଳ କିମ୍ବା ସଡ଼କ ପଥରେ ଅଧିକ ସମୟ ଯାତ୍ରା କରିବାକୁ ପଡ଼ିପାରେ।ବର୍ତ୍ତମାନ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଇଣ୍ଡିଗୋ ହିଁ ଏକମାତ୍ର ଏୟାରଲାଇନ୍ ଭାବେ ଦିଲ୍ଲୀ, କୋଲକାତା ଓ ବେଙ୍ଗାଲୁରୁକୁ ବିମାନ ସେବା ଯୋଗାଉଛି। ଷ୍ଟାର ଏୟାର ସେବା ବନ୍ଦ ହେବା ପରେ ଝାରସୁଗୁଡ଼ା-ଭୁବନେଶ୍ୱର ସିଧା ଯୋଗାଯୋଗକୁ ନେଇ ଚିନ୍ତା ବଢ଼ିଛି। ପଶ୍ଚିମ ଓଡ଼ିଶାବାସୀ ଏହି ସେବା ଶୀଘ୍ର ପୁନଃ ଆରମ୍ଭ ପାଇଁ ସରକାର ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ଅନ୍ୟପଟେ, ଅକ୍ଟୋବର ୨୪ ପର୍ଯ୍ୟନ୍ତ ସେବା ବନ୍ଦ ରହିବାରୁ ଯାତ୍ରୀମାନେ ଯାତ୍ରା ପୂର୍ବରୁ ବିମାନ ସୂଚୀ ଓ ବିକଳ୍ପ ଯାତାୟାତ ବ୍ୟବସ୍ଥା ଯାଞ୍ଚ କରିବା

# ଏନଟିଏରେ ବଡ଼ଧରଣର ପରିବର୍ତ୍ତନ

## ଆଗାମୀ ୩ ମାସ ଭିତରେ ସଂପୂର୍ଣ୍ଣ ଶେଷ ହେବ ଆଉହକ ବ୍ୟବସ୍ଥା

ନୂଆଦିଲ୍ଲୀ,୨୦।୮(ନି.ପ୍ର.): ଦେଶର ସବୁଠୁ ବଡ଼ ପରୀକ୍ଷା ପରିଚାଳନା ସଂସ୍ଥା ଜାତୀୟ ପରୀକ୍ଷା ଏଜେନ୍ସିରେ ବଡ଼ଧରଣର ଅଦଳବଦଳ କରାଯାଉଛି। ପରୀକ୍ଷା ବ୍ୟବସ୍ଥାକୁ ନେଇ କ୍ରମାଗତ ଭାବେ ଉଠୁଥିବା ପ୍ରଶ୍ନ ଓ ଅସନ୍ତୋଷକୁ ଦୃଷ୍ଟିରେ ରଖି ଏନଟିଏ ନିଜର ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛି। ଆଗାମୀ ୩ ମାସ ମଧ୍ୟରେ ଏନଟିଏରୁ ସମସ୍ତ ଅସ୍ଥାୟୀ ବା ଆଉହକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯିବ।

ସଂସ୍ଥା ପକ୍ଷରୁ ପ୍ରାୟ ୨୦ରୁ ଅଧିକ ସ୍ଥାୟୀ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଜୋରସୋରରେ ଚାଲିଛି। ସାଇବର ସିକ୍ୟୁରିଟି, ଟେଷ୍ଟ ସିକ୍ୟୁରିଟି, ଆରଏଣ୍ଡଡି ଏବଂ ସାଇକୋମେଟ୍ରିକ୍ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଅଭିଜ୍ଞ ବିଶେଷଜ୍ଞମାନଙ୍କୁ ସାମିଲ କରାଯାଉଛି।ଏନଟିଏ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏଜେନ୍ସି ବର୍ତ୍ତମାନ ଏକ ସ୍ଥାୟୀ କର୍ମଚାରୀ ବ୍ୟବସ୍ଥା ଆଡ଼କୁ ଅଗ୍ରସର ହେଉଛି। ଏହା ଅଧୀନରେ ଚିଫ୍ ଟେକ୍ନୋଲୋଜି ଅଫିସର, ଚିଫ୍ ପାଏନାନ୍ସ ଅଫିସର, ଏବଂ ଚିଫ୍ ଇନଫର୍ମେସନ୍ ସିକ୍ୟୁରିଟି ଅଫିସରଙ୍କ ସମେତ ବିଭିନ୍ନ ଜେନେରାଲ୍ ମ୍ୟାନେଜର ପଦବୀ ପାଇଁ ବିଜ୍ଞାପନ ଜାରି କରାଯାଇଛି। ଆଗାମୀ ୨ ରୁ ୩ ସପ୍ତାହ ମଧ୍ୟରେ ପ୍ରାୟ ୨୦ ରୁ ୨୫ ଜଣ ନୂତନ ଅଧିକାରୀ ଏହି ସଂସ୍ଥାରେ ଯୋଗଦେବେ ବୋଲି ଆଶା କରାଯାଉଛି। ପରୀକ୍ଷା ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ପ୍ରାୟ ୬୦୦ ଜଣ ପୁରୁଣା ବିଶେଷଜ୍ଞଙ୍କୁ ବର୍ତ୍ତମାନର ପରୀକ୍ଷା ଟିମରୁ ହଟାଇ ଦିଆଯାଇଛି। ସେମାନଙ୍କ ସ୍ଥାନରେ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ଜରିଆରେ ନୂତନ ଏବଂ ଦକ୍ଷ ଲୋକଙ୍କୁ ନିଆଯାଉଛି। ଏହା ସହିତ ୫୦ରୁ ଅଧିକ କର୍ମଚାରୀଙ୍କୁ ମଧ୍ୟ କାର୍ଯ୍ୟରୁ ଅବ୍ୟାହତି ଦିଆଯାଇଛି। ପରୀକ୍ଷା ପ୍ରଶ୍ନପତ୍ରରେ କୌଣସି ପ୍ରକାର ଭୁଲ୍ ନ ରହିବା ପାଇଁ ଏବେ ୪ ସ୍ତରୀୟ ଯାଞ୍ଚ ବ୍ୟବସ୍ଥା ଲାଗୁ କରାଯାଉଛି। ଏହାଦ୍ୱାରା ତଥ୍ୟଗତ, ଟାଇପିଂ, ଭାଷା ଏବଂ ଅନୁବାଦ ସମ୍ବନ୍ଧୀୟ ଭୁଲଗୁଡ଼ିକୁ ପରୀକ୍ଷା ପୂର୍ବରୁ ସହଜରେ ଧରାଯାଇପାରିବ। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏନଟିଏର ସମସ୍ତ ପରୀକ୍ଷା ପ୍ରକ୍ରିୟାର ଏକ ବିସ୍ତୃତ ଅଡିଟ୍ କରିବାକୁ ଏବଂ ସେଥିରେ ହୋଇଥିବା ସୁଧାର ସମ୍ପର୍କରେ ରିପୋର୍ଟ ଦେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହି ସମସ୍ତ ପଦକ୍ଷେପ ଦ୍ୱାରା ଆଗାମୀ ଦିନରେ ଦେଶର ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକ ଅଧିକ ସ୍ୱଚ୍ଛ ଏବଂ ନିର୍ଭୁଲ ହେବ ବୋଲି ଆଶା କରାଯାଉଛି।

## ସୋରେନ ସରକାରଙ୍କ ନିଷ୍ପତ୍ତିକୁ ହାଇକୋର୍ଟଙ୍କ ଝଟକା

ରାଞ୍ଚି, ୨୦।୮: ଝାଡ଼ଖଣ୍ଡର ହେମନ୍ତ ସୋରେନ ସରକାରଙ୍କୁ ବଡ଼ ଝଟକା ଲାଗିଛି। ଜେଏସ୍ଏସ୍ସି-ସିଜିଏଲ୍ ସମେତ ୨୨ଟି ନିଯୁକ୍ତି ପରୀକ୍ଷା ରଦ୍ଦ କରିବା ନେଇ ସରକାର ନେଇଥିବା ନିଷ୍ପତ୍ତି ଉପରେ ଝାଡ଼ଖଣ୍ଡ ହାଇକୋର୍ଟ ରୋକ ଲଗାଇଛନ୍ତି । ରଦ୍ଦ ନିଷ୍ପତ୍ତି ବିରୋଧରେ ଦାଖଲ ହୋଇଥିବା ଏକାଧିକ ଯାଚିକାର ଶୁଣାଣି ବେଳେ କୋର୍ଟ ଏହି ଅନ୍ତରୀଣ ଆଦେଶ ଦେଇଛନ୍ତି । ୧୫ ଦିନ ଭିତରେ ଜବାବ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ୧୭ ଅଗଷ୍ଟରେ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ରାଜ୍ୟ କ୍ୟାବିନେଟ୍ ଜଏସ୍ଏସ୍ସି-ସିଜିଏଲ ସମେତ ଟିଡିପିଏଲ୍ ଦ୍ୱାରା ୨୦୧୪ରୁ କରାଯାଇଥିବା ନିଯୁକ୍ତି ପରୀକ୍ଷାଗୁଡ଼ିକ ମଧ୍ୟରୁ ୨୨ଟିକୁ ରଦ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ପରୀକ୍ଷା ପ୍ରକ୍ରିୟାରେ କଥିତ ଅନିୟମିତତାକୁ ନେଇ ଏହି ପଦକ୍ଷେପ ନିଆଯାଇଥିଲା।ଏହି ନିଷ୍ପତ୍ତି ପରେ ପରୀକ୍ଷାରେ ସଫଳ ହୋଇ ନିଯୁକ୍ତି ପାଇଥିବା ଅନେକ ପ୍ରାର୍ଥୀ ଚିନ୍ତାରେ ପଡ଼ିଥିଲେ ଏବଂ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ। ସେମାନଙ୍କ ଚାକିରି ଭବିଷ୍ୟତ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା।

## ଓଡ଼ିଶାରେ ଟ୍ରାଫିକ୍ କଡ଼ାକଡ଼ି

### ଗୋଟିଏ ଦିନରେ ୧୧,୦୧୧ ଇ-ଚାଲାଣ, ୨୬ ଗାଡ଼ି ଜବତ

ଭୁବନେଶ୍ୱର,୨୦।୮(ନି.ପ୍ର.): ରାଜ୍ୟରେ ସଡ଼କ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ବୁଧବାର ବଡ଼ ଧରଣର ଯାଞ୍ଚ ଅଭିଯାନ ଚଳାଇଛି। ଏହି ଅଭିଯାନରେ ସମଗ୍ର ଓଡ଼ିଶାରେ ୧୧,୦୧୧ଟି ଇ-ଚାଲାଣ କଟାଯାଇଥିବା ବେଳେ ୨୬ଟି ଗାଡ଼ିକୁ ଜବତ କରାଯାଇଛି।

ଏସ୍‌ଟିଏ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ସବୁଠାରୁ ଅଧିକ ୬,୪୦୨ ଜଣ ହେଲମେଟ୍ ନ ପିନ୍ଧି ଗାଡ଼ି ଚଳାଇଥିବାରୁ ଚାଲାଣର ସମ୍ମୁଖୀନ ହୋଇଛନ୍ତି। ସେହିପରି ୧,୦୬୧ଟି ମାମଲାରେ ଓଭରସ୍ପିଡ୍, ୨୮୩ଟି ଗାଡ଼ି ବୈଧ ବୀମା ବିନା ଚଳାଚଳ ଏବଂ ୨୬୬ଟି ମାମଲାରେ ଟ୍ରିପଲ୍ ରାଇଡିଂ ପାଇଁ ଇ-ଚାଲାଣ ଜାରି କରାଯାଇଛି।

ରାଜ୍ୟ ପରିବହନ ପ୍ରାଧିକରଣ ସମସ୍ତ ଯାନଚାଳକଙ୍କୁ ଟ୍ରାଫିକ୍ ନିୟମ ମାନିବାକୁ ଅନୁରୋଧ କରିଛି। "ସୁରକ୍ଷିତ ଯାତ୍ରା କରନ୍ତୁ, ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ" ବାର୍ତ୍ତା ଦେଇ ଝଞ୍ଜଇ କହିଛି ଯେ, ସଡ଼କ ଦୁର୍ଘଟଣା କମାଇବା ପାଇଁ ଆଗାମୀ ଦିନରେ ମଧ୍ୟ ରାଜ୍ୟବ୍ୟାପୀ କଡ଼ା ଯାଞ୍ଚ ଓ ଚାଲାଣ ଅଭିଯାନ ଜାରି ରହିବ।

# ପଞ୍ଚାୟତରେ ମିଳିବ ସହରୀ ସୁବିଧା, ପ୍ରତି ପଞ୍ଚାୟତକୁ ମିଳିବ ଦେଢ଼ରୁ ତିନି କୋଟି ଟଙ୍କା

ଭୁବନେଶ୍ୱର,୨୦।୮(ନି.ପ୍ର.): ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ବଡ଼ ଯୋଜନା ପ୍ରସ୍ତୁତ କରିଛନ୍ତି । ଗାଁରେ ସହରୀ ସୁବିଧା ସୁଯୋଗ ମିଳିବ। ଏଥିପାଇଁ ସରକାର ପ୍ରତି ପଞ୍ଚାୟତଙ୍କୁ ଦେଢ଼ରୁ ତିନି କୋଟି ଟଙ୍କା ଦେବାକୁ ଯୋଜନା କରିଛନ୍ତି । ଏ ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଥିବା ପଞ୍ଚାୟତରାଜ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି ।



ମନ୍ତ୍ରୀ କହିଛନ୍ତି ଯେ ଗ୍ରାମ ସମ୍ପଦ କାର ?ୟ୍ୟକ୍ରମ ଜରିଆରେ ଗାଁର ବିକାଶ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଗ୍ରାମାଞ୍ଚଳରେ ସହରୀ ସୁବିଧା ଉପଲବ୍ଧ କରିବାକୁ ଏସଓପି ପ୍ରସ୍ତୁତ ହୋଇଛି । ପଞ୍ଚାୟତରେ ଆଦର୍ଶ ଖେଳ ପଡିଆ, ଜିମ୍ ଆଦର୍ଶ କଲ୍ୟାଣ ମଣ୍ଡପ, ଆଦର୍ଶ ଗ୍ରାମୀଣ ହାଟ, ଆଦର୍ଶ ପୋଖରୀ, ଆଦର୍ଶ ମଣ୍ଡପ, ଶ୍ମଶାନ, ଆଦର୍ଶ ହାଟ ଓ ଗ୍ରାମୀଣ ପାର୍କ ନିର୍ମାଣ କରାଯିବ । ଆଦର୍ଶ ଖେଳ ପଡ଼ିଆ ପାଇଁ ୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ ସରକାର । ଆଦର୍ଶ କଲ୍ୟାଣ ମଣ୍ଡପ ପାଇଁ ସରକାର ପ୍ରତି ପଞ୍ଚାୟତକୁ ୪୯ ଲକ୍ଷ ଟଙ୍କା ଦେବେ ସରକାର । ଯେଉଁଥିରେ ୭୦/୩୨ ଫୁଟରେ ଦୁଇଟି ଗ୍ରୀନ ରୁମ ସହ ଏକ ପେଣ୍ଡାଲ ରହିବ ରହିବ । ଯେଉଁଥିରେ ବିବାହର ନାଚ, ଗୀତ, ଡ୍ରାମାର ସୁବିଧା ରହିବ, ଭୋଜି ଭାତ ସହ ପଞ୍ଚାୟତ ତରଫରୁ ପାଣି ଯୋଗାଇ ଦିଆଯିବ । ସେହିପରି ଆଦର୍ଶ ପୋଖରୀ ପାଇଁ ୩୪ ଲକ୍ଷ ପଥର ବନ୍ଧ ?ଇ ସହ ଚାରିପଟେ ଫେବର ବ୍ଲକ ପଡିବ । ଶ୍ମଶାନ ପାଇଁ ୨୨ ଲକ୍ଷ ଟଙ୍କା ଦିଆଯିବ । ଆଦର୍ଶ ଗ୍ରାମୀଣ ପାର୍କ ପାଇଁ ୨୦ ଲକ୍ଷ, ଟଙ୍କା ଆବଣ୍ଟିତ କରାଯାଇଛି । ଏଥିରେ ଯୁବକଙ୍କ ପାଇଁ ଜିମ୍ ବି ରହିବ, ଯେଉଁଥିରେ ଜିମର ସମସ୍ତ ଉପକରଣ ଉପଲବ୍ଧ ରହିବ । ଆଦର୍ଶ ହାଟରେ ପାନୀୟ ଜଳ ସହ ପ୍ରବେଶ ପାଇଁ ଗେଟ ରହିବ । ଏହା ସହିତ ପ୍ରତି ପଞ୍ଚାୟତକୁ ସବୁଜ ଜିମା କରିବାକୁ ବୃକ୍ଷ ରୋପଣ କରାଯିବ । ପ୍ରତି ପଞ୍ଚାୟତରେ ୭୦୦ ଗଛ ଲଗାଯିବାକୁ ଲକ୍ଷ୍ୟ ରଖାଯାଇଛି । ଆଦର୍ଶ ପାଠାଗାର ପାଇଁ ୧୦ ଲକ୍ଷ ଟଙ୍କା ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ଆଞ୍ଚଳିକ ମନ୍ଥନ

ଶୁକ୍ରବାର, ୨୧ ଅଗଷ୍ଟ ୨୦୨୬, ଭୁବନେଶ୍ୱର Friday,21 Aujust 2026, Bhubaneswar






## ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର ପୁରସ୍କାର ବିତରଣ

ବ୍ରହ୍ମପୁର,୧୯।୮ :(ମନ୍ଥନ)ସ୍ଥାନୀୟ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗୁରୁବାର ଅପରାହ୍ନରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଏବଂ କପ୍ ପ୍ରଦାନ ସହ ପୁରସ୍କୃତ କରାଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର, ଅତିରିକ୍ତ ଶାସନ ସଚିବ ରାମେଶ୍ୱର ପ୍ରଧାନ ଏବଂ ଅନୁଶାସନ ସଚିବ ସୁଶ୍ରୀ ତନୁଶ୍ରୀ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ବୌଦ୍ଧିକ ପ୍ରତିଯୋଗିତା ଯଥା ସିନିୟର୍ ଡିଭିସନ୍ ଏନସିସି ଆର୍ମି ଓ ନେଭାଲ, ଜୁନିୟର ଡିଭିଜନ ଏନସିସି ବାଳକ - ବାଳିକା ଆର୍ମି, ବେଷ୍ଟ ସ୍କାଉଟ ଏଣ୍ଡ ଗାଇଡ ଟ୍ରୁପ, ସବ୍ ଜୁନିୟର ଡିଭିଜନ ସିଭିଲିଏନ ଏବଂ ସିନିୟର ଡିଭିଜନ ସିଭିଲିଏନ ଦଳର ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସରକାରୀ ସେବା କ୍ଷେତ୍ରରେ ଉତ୍ସର୍ଗୀ କୃତ ମନୋଭାବ ସହ କର୍ତ୍ତବ୍ୟ ସମ୍ପାଦନ କରିଥିବା ଅଧିକାରୀ ଏବଂ କର୍ମଚାରୀ ମାନଙ୍କୁ ମଧ୍ୟ ଏହି ଅବସରରେ ମାନପତ୍ର, ଉତ୍ତରୀୟ ଏବଂ କପ୍ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଏଥି ସହିତ ପ୍ୟାରେଡ଼ରେ ଅଂଶଗ୍ରହଣ କରି ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ପ୍ୟାରେଡ୍ ଦଳଙ୍କୁ ଦଳଗତ ଭାବେ ପୁରସ୍କୃତ କରାଯାଇଥିଲା । ନିଜର ସଂକ୍ଷିପ୍ତ ଅଭିଭାଷଣରେ ମୁଖ୍ୟ ଅତିଥି କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ଏବଂ ଅଧିକାରୀ ମାନଙ୍କୁ ସାଧୁବାଦ ଜଣାଇବା ସହ ଭବିଷ୍ୟତରେ ନିଜର ନିଷ୍ଠା, ପରିଶ୍ରମ ଓ ଅଧ୍ୟବସାୟ ବଳରେ ଅଧିକରୁ ଅଧିକ ସଫଳତା ହାସଲ ପୂର୍ବକ ଦେଶ ଜାତିର ଗୌରବ ବୃଦ୍ଧିରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକ୍ରମ ମହାରଣା, ଅପରେଟର ଲୋକନାଥ ଶତପଥି, କର୍ମଚାରୀ ସୁଶାନ୍ତ କୁମାର ପଣ୍ଡା, ରବୀନ୍ଦ୍ର ସାହୁ, ତୁଷାରକାନ୍ତ ବେହେରାଙ୍କ ସମେତ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହାୟତା କରିଥିଲେ



## ଗାନ୍ଧୀବାଦୀ ରବିନ୍ଦ୍ର ନାଥ ପତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଫୁଲନଖରା, ୧୯।୮ :(ମନ୍ଥନ) କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାସ୍ଥିତ କଳପଡ଼ା ଗ୍ରାମପଞ୍ଚାୟତର ଦେଉଳି ଗ୍ରାମର ବିଶିଷ୍ଟ ଗାନ୍ଧୀବାଦୀ ସ୍ୱର୍ଗତ ରବିନ୍ଦ୍ର ନାଥ ପତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଏକ ଶୋକାକୁଳ ତଥା ଭାବବିହ୍ୱଳ ପରିବେଶରେ ଜନସମାଗମ ମଧ୍ୟରେ ପାଳିତ ହୋଇଯାଇଛି । ଏହି ଅବସରରେ ଶ୍ରୀରାମସ୍ଥିତ ଶ୍ରୀଚୈତନ୍ୟ ସଙ୍ଗୀତ କଳା କେନ୍ଦ୍ରର କଳାକାରମାନେ ଭକ୍ତି ସଙ୍ଗୀତ ଓ ଭଜନ ପରିବେଷଣ କରି ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଭାବବିହ୍ୱଳ କରିଥିଲେ । ସ୍ୱର୍ଗତ ପତିଙ୍କ ସ୍ମୃତିଚାରଣ କରି ବହୁ ବୁଦ୍ଧିଜୀବୀ, ସମାଜସେବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ରାଜନେତା ଓ ସାଧାରଣ ଲୋକେ ତାଙ୍କର ସରଳ ଜୀବନ, ଆଦର୍ଶ ଓ ସମାଜ ପ୍ରତି ଅବଦାନକୁ ସ୍ମରଣ କରିଥିଲେ । ଯୁବ ସମାଜସେବୀ ତଥା ସାହିତ୍ୟିକ ସନ୍ତୋଷ କୁମାର ପତିଙ୍କ ପିତା ସ୍ୱର୍ଗତ ରବିନ୍ଦ୍ର ନାଥ ପତି ଜଣେ ଗାନ୍ଧୀବାଦୀ ଚିନ୍ତାଧାରାର ମଣିଷ ଭାବେ ଅଞ୍ଚଳରେ ପରିଚିତ ଥିଲେ ।

## ବରିଷ୍ଠ ନାଗରିକଙ୍କୁ ଅପହରଣ, ଜଟଣୀରୁ ଉଦ୍ଧାର:୧ ଗିରଫ

ବଳଙ୍ଗା,୧୯।୮ :(ମନ୍ଥନ)ସିନେମା ଷ୍ଟାଇଲରେ ଦୁର୍ବୃତ୍ତ ମାନେ ବଳଙ୍ଗା ଥାନା ଅନ୍ତର୍ଗତ କେତକୀ ପାଟଣା ଗ୍ରାମର ସୂଚନା ଅଧିକାର କର୍ମୀ ତଥା ବରିଷ୍ଠ ନାଗରିକ ନୃସିଂହ ପରିଡାଙ୍କୁ ତାଙ୍କ ଘରୁ ଜୋର ଜବରଦସ୍ତି କାର ଯୋଗେ ଅପହରଣ କରିନବାର ୨୪ ଘଣ ପୋଲିସ ତୁରନ୍ତ ପଦକ୍ଷେପ ନେଇ ତାଙ୍କୁ ଜଟଣୀରୁ ଉଦ୍ଧାର କରିବାକୁ ସକ୍ଷମ ହୋଇଛି । ଅପହରଣ ନେଇ ନୃସିଂହଙ୍କ ଝିଅ ବଳଙ୍ଗା ଥାନାରେ ଅଭିଯୋଗ କରିବା ପରେ ବଳଙ୍ଗା ଥାନା ଆଇ ଆଇ ସି ସସ୍ମିତା ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଅଞ୍ଚଳରୁ ନୃସିଂହଙ୍କୁ ଉଦ୍ଧାର କରିବା ସହ ଜଣଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଚଳାଇଛନ୍ତି । ସୂଚନା ମୁତାବକ ଏହା ପୂର୍ବରୁ ଅଭିଯୁକ୍ତ ମାନେ ବନ୍ଧୁକ ମୁନରେ ନୃସିଂହ ଙ୍କୁ ଅପହରଣ କରି ୭ଲକ୍ଷ ଟଙ୍କା ଦାବୀ କରିବା ସହ ନୃସିଂହଙ୍କ ଝିଅଙ୍କ ନାମରେ ଥିବା ଏକ ଜମିକୁ ନେବା ପାଇଁ ସାଧା ଷ୍ଟାମ୍ପ ପେପରରେ ଦସ୍ତଖତ କରିନେଇଥିଲେ । ଯାହାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ



ଏକ ମାମଲା ରୁଜୁ କରାଯାଇଥିଲା । ସେହିଭଳି ନୃସିଂହ ତାଙ୍କ ନାତୁଣୀକୁ ନେଇ ଗୋପ ଯାଉଥିଲା ବେଳେ ଅଭିଯୁକ୍ତ ମାନେ ତାଙ୍କୁ ଗୋପ ଥାନା ବୋଇତଭଙ୍ଗା ସେତୁ ନିକଟରେ ଆକ୍ରମଣ କରିଥିଲେ । ପରେ ତାଙ୍କ ଚୋରୀ ବାଇକକୁ ବଳଙ୍ଗା ପୋଲିସ କୋଟକୁ ସାଙ୍ଗ ସ୍ଥିତ ଧନୁଆ ନଦୀରୁ ଉଦ୍ଧାର କରିଥିଲା । ଗତ କିଛି ଦିନ ତଳେ ଅଭିଯୁକ୍ତ ମାନେ ତାଙ୍କୁ ଘରୁ ଉଠାଇ ନେବାକୁ ଧମକ ଦେଇଥିବା ନେଇ ନୃସିଂହ ଥାନାରେ ଅଭିଯୋଗ କରିବା ସହ ତାଙ୍କ ଜିବନ ପ୍ରତି ବିପଦ ଥିବା ନେଇ ସେ ଏସ ପି ଓ ପୋଲିସ ଡିଜିଙ୍କ ନିକଟରେ ତାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ତେବେ ନୃସିଂହଙ୍କ ନାମରେ ମଧ୍ୟ ଅପର ପକ୍ଷଙ୍କୁ ନୃସିଂହ ଜମି ବିକ୍ରି କରିବା ପାଇଁ କହି ସେମାନଙ୍କ ଠାରୁ କୁଆଡେ ୭ଲକ୍ଷ ଟଙ୍କା ଆଣି ଥିବା ନେଇ ଥାନାରେ ଅଭିଯୋଗ ହେବା ଓ ଥାନାରେ ମାମଲା ରୁଜୁ କରାଯାଇଛି । ପୋଲିସ ତଦନ୍ତ ପରେ ପ୍ରକୃତ ରହସ୍ୟ ଉନ୍ମୋଚନ ହେବ ବୋଲି ଜଣା ପଡିଛି ।

## ଯୁଦ୍ଧକାଳୀନ ଭିତ୍ତିରେ ପୋଲ ମରାମତି, ୮ ପଞ୍ଚାୟତର ଯୋଗାଯୋଗ ଫେରିବ

ମୋରଡା,୧୯।୮ :(ମନ୍ଥନ)ଗତ ୧୨ ତାରିଖ ରାତିରେ ହୋଇଥିବା ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଅନ୍ତର୍ଗତ କଷ୍ଟା-ଦେଉଳି ମୁଖ୍ୟ ରାସ୍ତାର ଝାଲିଆମରା ଠାରେ ଥିବା ପୋଲଟି ସମ୍ପୂର୍ଣ୍ଣ ଭାବେ ବର୍ଷା ପାଣିରେ ଧୋଇ ଯାଇଥିଲା । ଫଳରେ କଷ୍ଟା, ଦେଉଳି ସମେତ ଆଖପାଖର ୮ଟି ପଞ୍ଚାୟତର ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଥିଲା । ଏହି ପୋଲ ଦେଇ ନିତ୍ୟ ଶହ ଶହ ଲୋକ ଯିବା ଆସିବା କରନ୍ତି । ପୋଲ ଭାଙ୍ଗିବା ପରେ ସବୁଠୁ ଅଧିକ ଅସୁବିଧାରେ ପଡ଼ିଥିଲେ ରୋଗୀ ଓ ଗର୍ଭବତୀ ମହିଳା । ଡାକ୍ତରଖାନା ଯିବା ପାଇଁ ଲୋକମାନଙ୍କୁ ୧୦-୧୨ କିଲୋମିଟର ଘୁରି ଜଙ୍ଗଲ ବିପଦପୂର୍ଣ୍ଣ ରାସ୍ତାରେ ଯିବାକୁ ପଡୁଥିଲା । ଲୋକଙ୍କ ଦୁର୍ଦ୍ଦଶାକୁ ଦେଖି ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇଛି ।



ଯୁଦ୍ଧକାଳୀନ ଭିତ୍ତିରେ ଅସ୍ଥାୟୀ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ପୋଲ କାର୍ଯ୍ୟ ସରିଲେ କଷ୍ଟା ଓ ଦେଉଳି ସମେତ ୮ଟି ପଞ୍ଚାୟତର ସମସ୍ୟାର ସମାଧାନ ହେବ । ସେହିପରି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧୫ଟି ପଞ୍ଚାୟତର ହଜାର ହଜାର ଲୋକ ଏଥିରୁ ଉପକୃତ ହେବେ । ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଥିବାରୁ ଅଞ୍ଚଳବାସୀ ବେଶ ଆନନ୍ଦିତ । ସେମାନେ ଡବଲ ଇଞ୍ଜିନ ସରକାରଙ୍କୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି । ପୋଲ କାର୍ଯ୍ୟ ସରିଲେ ଗମନାଗମନରେ ବହୁ ସୁବିଧା ହେବ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି ।

## ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜଳି ଯୋଜନାର ପ୍ରଚାର ପାଇଁ ଟିପିସିଓଡିଏଲ୍ ସୋଲାର ରଥର ଶୁଭାରମ୍ଭ

ଜଗତସିଂହପୁର,୧୯।୮ :(ମନ୍ଥନ) ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ 'ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜଳି ଯୋଜନା' ଅଧୀନରେ ରୁଫଟପ୍ ସୋଲାର ସମ୍ପର୍କରେ ସଚେତନତା ବୃଦ୍ଧି ତଥା ଏହାର ବ୍ୟବହାରକୁ ତ୍ୱରାନ୍ୱିତ କରିବା ପାଇଁ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ 'ସୋଲାର ରଥ'ର ଶୁଭାରମ୍ଭ କରାଯାଇଛି । ଜିଲ୍ଲା ପରିଷଦ ସଭାପତି ଶ୍ରୀ ମନୋଜ କୁମାର ଭୋଇ ଓ ଜଗତସିଂହପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଜେ. ସୋନାଲ୍ (ଆଇଏଏସ୍) ଏହି ସୋଲାର ରଥକୁ ଉଦ୍‌ଘାଟନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ ପିଲ୍ଲେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସସ୍ମିତ କୁମାର ରାଉତ,ଟିପିସିଓଡିଏଲ୍‌ର ଚିଫ ଇଞ୍ଜିନିୟର, ଆର ଇ, ଶ୍ରୀ ବିବିଧ ସାମଲ, ଟିପିସିଓଡିଏଲ୍‌ର ପାରାଦ୍ୱୀପ ସର୍କଲ ର ଅତିରିକ୍ତ ଚିଫ୍ ଇଞ୍ଜିନିୟର ଶ୍ରୀ ଶିବ ପ୍ରସାଦ ସ୍ୱାଇଁ, ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସୋଲାର ରଥ, ଚୟନ କରାଯାଇଥିବା ମଡେଲ ସୋଲାର ଗ୍ରାମଗୁଡ଼ିକ ସମେତ ସମଗ୍ର ଜିଲ୍ଲା ପରିକ୍ରମା କରି ଲୋକମାନଙ୍କୁ ରୁଫଟପ୍ ସୋଲାର, ସରକାରୀ ସବସିଡି, ଯୋଗ୍ୟତା ମାନଦଣ୍ଡ ଏବଂ ସ୍ଥାପନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇବ । ଏଥିସହିତ ସୋଲାର ସାଙ୍ଗ ଟିମ



ଉପଭୋକ୍ତାମାନଙ୍କ ସହ ସିଧାସଳଖ ଆଲୋଚନା କରି ଘଟଣାସ୍ଥଳରେ ହିଁ ଆବଶ୍ୟକୀୟ ମାର୍ଗଦର୍ଶନ ପ୍ରଦାନ କରିବେ।ପୂର୍ବରୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲ୍ଲା ସ୍ତରୀୟ କମିଟି (ଡିଏଲ୍‌ସି) ପିଏମ୍ ସୂର୍ଯ୍ୟ ଘର ଯୋଜନା ଅଧୀନରେ ମଡେଲ ସୋଲାର ଗ୍ରାମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ୧୦ଟି ଗ୍ରାମକୁ ଚୟନ କରିଥିଲେ । ଏହି ଗ୍ରାମଗୁଡ଼ିକ ୯୦ ଦିନ ମଧ୍ୟରେ ସର୍ବାଧିକ ସଂଖ୍ୟକ ରୁଫଟପ୍ ସୋଲାର ସ୍ଥାପନ କରିବା ପାଇଁ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରିବେ ଏବଂ ବିଜୟୀ ହେଉଥିବା ଗ୍ରାମ ଅକ୍ଷୟ ଶକ୍ତି ବିକାଶ ଅନୁଦାନ ଭାବରେ ୧ କୋଟି ଟଙ୍କାର କେନ୍ଦ୍ରୀୟ ଆର୍ଥିକ ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ହେବ ।ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ୍ (ଆଇଏଏସ୍) କହିଛନ୍ତି ଯେ, "ଏହି ସୋଲାର ରଥ ରୁଫଟପ୍ ସୋଲାର ସମ୍ପର୍କିତ ସଚେତନତାକୁ ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚାଇବ ଏବଂ ଅଧିକରୁ ଅଧିକ ପରିବାରକୁ 'ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜଳି ଯୋଜନା'ର ଲାଭ ଉଠାଇବାରେ ସକ୍ଷମ କରିବ । ଏହି ପଦକ୍ଷେପ ଜଗତସିଂହପୁରରେ ଅକ୍ଷୟ ଶକ୍ତିର ବ୍ୟବହାରକୁ ସୁଦୃଢ଼ କରିବା ସହ ନିରନ୍ତର ବିକାଶରେ ସହାୟକ ହେବ ।"ମୋ ଛାତ, ମୋ ସଞ୍ଚୟ', ଗ୍ରାମସଭା ସଚେତନତା କାର୍ଯ୍ୟକ୍ରମ ଏବଂ ସୋଲାର ରଥ ଅଭିଯାନ ଭଳି ପଦକ୍ଷେପ ମାଧ୍ୟମରେ ଟିପିସିଓଡିଏଲ୍ ନିଜର ସେବା ଯୋଗାଣ ଅଞ୍ଚଳରେ ଥିବା ପ୍ରତ୍ୟେକ ପରିବାର ନିକଟରେ ସ୍ୱଚ୍ଛ, ସୁଲଭ ତଥା ଦୀର୍ଘସ୍ଥାୟୀ ସୌର ଶକ୍ତି ସୁବିଧା ପହଞ୍ଚାଇବା କାର୍ଯ୍ୟ ଜାରି ରଖିଛି ।

## ରାଜୀବ ଗାନ୍ଧୀଙ୍କ ଜନ୍ମଜୟନ୍ତୀ ପାଳିତ

ଫୁଲନଖରା,୧୯।୮ :(ମନ୍ଥନ)କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ପ୍ରଦୀପ୍ତ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଭୟରପୁର, ଜଗତପୁରସ୍ଥିତ କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟରେ ମହାନ ଜନନେତା ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜନ୍ମଜୟନ୍ତୀ ଉତ୍ସାହ ଓ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି । ଭାରତକୁ ଏକ ଆଧୁନିକ, ଉନ୍ନତ ଓ ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ରାଷ୍ଟ୍ର ଭାବେ ଗଢ଼ି ତୋଳିବାର ସ୍ୱପ୍ନ ଦେଖିଥିବା ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସ୍ମୃତିରେ ୧୯୯୨ ମସିହାଠାରୁ ତାଙ୍କ ଜନ୍ମଦିନକୁ 'ସଦଭାବନା ଦିବସ' ଭାବେ ପାଳନ କରାଯାଇଆସୁଛି ।



ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜାତୀୟ ସଂହତି, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଭାଇଚାରା ଓ ସାମାଜିକ ଏକତାକୁ ସୁଦୃଢ଼ କରିବା ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ଶ୍ରୀ ଉତ୍କଳ କେଶରୀ ରାଉତରାୟ, ଓଡ଼ିଶା ପ୍ରଦେଶ କଂଗ୍ରେସ ପଛୁଆ ବର୍ଗ କମିଟିର ପୂର୍ବତନ ଅଧକ୍ଷ ଶ୍ରୀ ବିଷ୍ଣୁ ଚରଣ ବାରିକ, କଟକ ଜିଲ୍ଲା କଂଗ୍ରେସ ଅନୁସୂଚିତ ବିଭାଗ ଅଧକ୍ଷ ପ୍ରତାପ ମଲ୍ଲିକ, ଜିଲ୍ଲା କଂଗ୍ରେସ ଉପସଭାପତି ଶ୍ରୀମତୀ ନଳିନୀ ଉଦଗାତା, ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ଜେଠୀ ଓ ବିପିନ ପଶାୟତ, ଜିଲ୍ଲା ସମ୍ପାଦିକା ପ୍ରତିଭା ମଲ୍ଲିକଙ୍କ ସମେତ କଂଗ୍ରେସ ନେତା ଅମ୍ବିକା ଚରଣ ଉଦଗାତା, ଶରତ ସ୍ୱାଇଁ, ତୋଫାନ ମଲ୍ଲିକ, ଦେବେନ୍ଦ୍ର କୁମାର ବେହେରା, ଶରତ ସାହୁ, ରାହୁଲ ଦେହୁରୀ, ଜଗବନ୍ଧୁ ରାଉତ, ପୁନମ ଦାସ, ବିରଞ୍ଚି ନାୟକ ଓ ଅର୍ଚ୍ଚନା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ । ବକ୍ତାମାନେ ରାଜୀବ ଗାନ୍ଧୀଙ୍କ ଆଧୁନିକ ଭାରତ ଗଠନରେ ଅବଦାନ ଓ ତାଙ୍କର ଏକତା, ଶାନ୍ତି ଓ ସଦଭାବନାର ବାର୍ତ୍ତାକୁ ସ୍ମରଣ କରି ତାଙ୍କ ଆଦର୍ଶକୁ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ ।

## ସିଦ୍ଧାନ୍ତ ନଗରରେ ମହଲା ସଭାରେ ଦାଦନ ଶ୍ରମିକ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଗଞ୍ଜାମ,୧୯।୮ :(ମନ୍ଥନ)ଗଞ୍ଜାମ ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ଇଲାକା ର ବିଭିନ୍ନ ଗ୍ରାମରୁ ପ୍ରାୟ ୮୫ ପ୍ରତିଶତ ସାମୁଦ୍ରିକ ସମ୍ପ୍ରଦାୟର ମତ୍ସ୍ୟଜୀବୀ ଦାଦନ ଖଟିବା ପାଇଁ ବିଭିନ୍ନ ରାଜ୍ୟ କୁ ଚାଲିଯାଉଥିବା ଲକ୍ଷ କରାଯାଉଛି ।ବିଭିନ୍ନ ସମୟରେ ସେମାନେ ସେଠାରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୁଏ । ଯାହାକୁ ନେଇ ସ୍ଥାନୀୟ ଯୁବକ ଯୁବତୀ ମାନଙ୍କୁ ନେଇ ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତର ସିଦ୍ଧାନ୍ତ ନଗର ସାମୁଦ୍ରିକ ମତ୍ସ୍ୟଜୀବୀ ଗ୍ରାମରେ ଦାଦନ ଶ୍ରମିକ ସମସ୍ୟା ସମ୍ପର୍କିତ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ସମୁଦ୍ରମ ଲ୍ୟାବ ପକ୍ଷରୁ କମ୍ୟୁଟିନି ସହଯୋଗରେ ତୃତୀୟ ମହଲା ସଭା ବିୟୁଷ ଅନୁଷ୍ଠାନର କୋଡିନେଟର ଜେ. ଟିଟୁ ଓ ଟ୍ରେନର ସି ଏଚ ପଦ୍ମିନୀ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ 'ପ୍ରବାସ ଏହା କଣ ସୁରକ୍ଷିତ ଭଲ ଭବିଷତ ପାଇଁ ସୁଯୋଗ ନା ଶୋଷଣ ର ପଥ ବିଷୟବସ୍ତୁ କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ଅନୁଷ୍ଠାନର ଯୁବକ ଯୁବତୀ ମାନେ କ୍ଷୁଦ୍ର ନାଟକ ମାଧ୍ୟମରେ ପ୍ରବାସୀ ମାନେ



ଭୋଗୁଥିବା ବିଭିନ୍ନ ସମସ୍ୟା ଗୁଡିକ ଉପସ୍ଥାପନ କରି ଜନ ସଚେତନତା ସୃଷ୍ଟି କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ସାମ୍ବାଦିକ ସଙ୍ଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଯୋଗଦେଇ ଉକ୍ତ ସମସ୍ୟାର ସମାଧାନ, ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ସେମାନଙ୍କ ପଞ୍ଜିକରଣ ଓ ସେମାନଙ୍କ ସନ୍ତାନ ମାନଙ୍କୁ ଉପଯୁକ୍ତ ଶିକ୍ଷା ସହ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ର ବିକାଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଆଶା, ଅଙ୍ଗନବାଡ଼ି କର୍ମୀ, ୱାର୍ଡ ମେମ୍ବର ଓ ଗ୍ରାମ୍ୟ ଭଦ୍ରବ୍ୟକ୍ତି ସମ୍ମାନିତ ଅତିଥିଭାବେ ମଞ୍ଚାସିନ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୭୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ରହିଥିଲେ ।

## ଅଧା ବାଟରେ ପଲଟିଲା ଅଗ୍ନିଶମ ବିଭାଗ ର ବୋଟ

ଯାଜପୁର,୧୯।୮ :(ମନ୍ଥନ)ଯାଜପୁରରେ ବନ୍ୟା ବିପନ୍ନଙ୍କ ପାଇଁ ରିଲିଫ ନେଇ ଯାଉଥିବା ବେଳେ ଅଘଟଣ । ବୁଢ଼ାଘାଟ ନିକଟରେ ଅଧାବାଟରେ ପଲଟିଲା ଯାଜପୁର ବ୍ଲକ ପକ୍ଷରୁ ନିୟୋଜିତ ହୋଇଥିବା ବୋଟ । ବୋଟରେ ଥିଲେ ୧୫ ଜଣ । ଅଳ୍ପକେ ବର୍ତ୍ତିଲେ ସମସ୍ତେ । ଯାଜପୁର ବ୍ଲକ ସିମିଳିଆ ପଂଚାୟତ ଓଲେଇପଡ଼ା ଗାଁକୁ ରିଲିଫ ସାମଗ୍ରୀ ନେଇ ଯାଉଥିଲେ ସ୍ୱେଚ୍ଛାସେବୀମାନେ ।ସୂଚନା ମୁତାବକ ଯାଜପୁର ସହରର ବଡ଼ବଜାର ବ୍ୟବସାୟୀ ସଂଘ ପକ୍ଷରୁ ବନ୍ୟା ବିପନ୍ନଙ୍କ ପାଇଁ ରିଲିଫ ସାମଗ୍ରୀ ନେଇ ବୋଟରେ ଯାଉଥିଲେ ସ୍ୱେଚ୍ଛାସେବୀମାନେ । ବୁଢ଼ାଘାଟ ନିକଟରେ ହଠାତ୍ ପଲଟି ଯାଇଥିଲା ଅଗ୍ନିଶମ ବିଭାଗର ବୋଟ । ଫଳରେ ବୋଟରେ ଥିବା ୧୫ ଜଣ ପାଣିରେ ପଡ଼ିଯାଇଥିଲେ । ତେବେ ଅଗ୍ନିଶମ ବାହିନୀର କର୍ମଚାରୀଙ୍କ ଦ୍ୱାରା ଅଳ୍ପକେ ସମସ୍ତେ ଉଦ୍ଧାର ପାଇଛନ୍ତି । ଘଟଣା ପରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଅନ୍ୟ ଏକ ବୋଟ ଯୋଗେ ଘଟଣାସ୍ଥଳରେ ପହଂଚି ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ତେବେ ପଲଟିଥିବା ବୋଟଟିକୁ ମଧ୍ୟ ଅଗ୍ନିଶମ ବାହିନୀ ମାନେ ସୁରକ୍ଷିତ ଉଦ୍ଧାର କରିଛନ୍ତି । ଓଲେଇପଡ଼ା ଗାଁର ବନ୍ୟା ବିପନ୍ନଙ୍କ ପାଖରେ ରିଲିଫ ପହଂଚାଇବା ବେଳେ ଘଟିଛି ଏହି ଅଘଟଣ ।

## ବନ୍ଧୁକ ମୁନରେ ଅଳଙ୍କାର ଲୁଟ ଘଟଣାରେ ୨ଜଣଙ୍କୁ ଗିରଫ କଲା ଯାଜପୁର ପୋଲିସ

ଯାଜପୁର,୧୯।୮ :(ମନ୍ଥନ) ବନ୍ଧୁକ ମୁନରେ ଅଳଙ୍କାର ଲୁଟ ଘଟଣାରେ ୨ଜଣଙ୍କୁ ଗିରଫ କଲା ଯାଜପୁର ପୋଲିସ । ଯାଜପୁର ପୋଲିସକୁ ମିଳିଛି ବଡ଼ ସଫଳତା । ଗିରଫ ଅଭିଯୁକ୍ତ ହେଲେ ଯଖପୁରା ଥାନା ଅଂଚଳର ଆକାଶ ପ୍ରଧାନ ଓ ପ୍ରକାଶ ପ୍ରଧାନ । ଗତମାସ ବିଂଝାରପୁର ଥାନା ଅନ୍ତର୍ଗତ ମଇନ୍ଦା ଏବଂ ଚଳିତ ମାସ ଯାଜପୁର ସଦର ଥାନା ଅନ୍ତର୍ଗତ ଶିବା ଛକରେ ଘଟିଥିବା ଅଳଙ୍କାର ଲୁଟ ଘଟଣାରେ ଏହି ଦୁଇ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଛି । ଅଭିଯୁକ୍ତଙ୍କ ଠାରୁ ପୋଲିସ ଲୁଟ ହୋଇଥିବା ୬ କେଜି ରୁପା, ୧୭ ଗ୍ରାମରୁ ଅଧିକ ସୁନା ଅଳଙ୍କାର ଏବଂ ନଗଦ ୭ ହଜାର ଟଙ୍କା ଜବତ କରିଛି । ଏଥିସହ ଲୁଟରେ ବ୍ୟବହୃତ ବନ୍ଧୁକ ଓ ଏକ ପଲସର ମୋଟରସାଇକେଲ ମଧ୍ୟ ପୋଲିସ ଜବତ କରିଛି । ଏନେଇ ଯାଜପୁର ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯାଜପୁର ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମଲ । ଏହି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ପୋଲିସର ତଦନ୍ତ ଜାରି ରହିଥିବା ବେଳେ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝୀ, ବିଂଝାରପୁର ଥାନା ଅଧିକାରୀ ବିଲ୍ୱ ମଙ୍ଗଳ ସେଠୀ, ସଦର ଥାନା ଅଧିକାରୀ ଚିନ୍ମୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ପାରିବାରିକ କଳହରୁ ମହିଳାଙ୍କୁ ହତ୍ୟା ଅଭିଯୋଗ

ଯାଜପୁର,୧୯।୮ :(ମନ୍ଥନ) ଯାଜପୁର ଜିଲ୍ଲା ବିଂଝାରପୁର ଥାନା ଅନ୍ତର୍ଗତ ଫତେପୁର ପଂଚାୟତର ମଳିଆ ଗାଁରେ ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି । ମୃତ ମହିଳା ହେଲେ ମଳିଆ ଗାଁର ସବେଶ୍ୱର କରଙ୍କ ସ୍ତ୍ରୀ କବିତା କର ।ଅଭିଯୋଗ ଅନୁସାରେ, କବିତାଙ୍କ ସହ ଦୁଇଦିନ ତଳେ ଘରେ ଶ୍ୱଶୁର, ଦିଅର ଓ ଯାଆଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା । ଏହି ସମୟରେ ଦିଅର ଓ ଯାଆ କବିତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ପରେ କବିତାଙ୍କୁ ହତ୍ୟା କରି ତାଙ୍କ ବେକରେ ରଶି ଲଗାଇ ଫ୍ୟାନ୍‌ରେ ଟାଙ୍ଗି ଦିଆଯାଇଥିବା ନେଇ ବିଂଝାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ପାଇବା ପରେ ବିଂଝାରପୁର ପୋଲିସ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଘଟଣାର ପ୍ରକୃତ କାରଣ ଓ ଏଥିରେ କାହାର ସମ୍ପୃକ୍ତି ରହିଛି, ସେନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି ।

## ସ୍ୱାଧୀନତା ସଂଗ୍ରାମୀ ଯୁଧିଷ୍ଠିର ମିଶ୍ର ଜୟନ୍ତୀ ସମାରୋହ

ବଲାଙ୍ଗୀର,୧୯।୮ :(ମନ୍ଥନ)ଶୃଙ୍ଖଳା, ଅନୁଶାସନ ଏବଂ ସଂଗ୍ରାମୀ ଯୁବଚେତନାର ପ୍ରତୀକ ଥିଲେ ସ୍ୱାଧୀନତା ସଂଗ୍ରାମୀ ଯୁଧିଷ୍ଠିର ମିଶ୍ର । ଆଜିର ଯୁବପିଢ଼ି ତାଙ୍କ ଠାରୁ ଅନେକ କିଛି ଶିଖିବାର ଅଛି ବୋଲି ଅତିଥି ବକ୍ତାମାନେ ତାଙ୍କ ଜୟନ୍ତୀ ସମାରୋହରେ କହିଛନ୍ତି । ପୁଇଁନ୍ତଲା ବ୍ଲକ୍ ଅନ୍ତର୍ଗତ ଛତାମଖନା ସ୍ଥିତ ଯୁଧିଷ୍ଠିର ମହାବିଦ୍ୟାଳୟ ପରିସରରେ ବୁଧବାର ମହାବିଦ୍ୟାଳୟ ଅଧ୍ୟକ୍ଷ ଧନଞ୍ଜୟ ସେଠ୍‌ଙ୍କ ଅଧ୍ୟକ୍ଷତାରେ ସ୍ୱାଧୀନତା ସଂଗ୍ରାମୀ ଯୁଧିଷ୍ଠିର ମିଶ୍ରଙ୍କ ୧୧୨ ତମ ଜୟନ୍ତୀ ସମାରୋହ ତଥା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ଶ୍ୟାମ ଭୋଇ ଏବଂ ମୁଖ୍ୟବକ୍ତା ଭାବେ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର ଯାଗଦାନ କରିଥିଲେ । ସମ୍ମାନିତ ଅତିଥି ପ୍ରଫେସର ପତି କହିଥିଲେ ଯେ, ପ୍ରତିକୂଳ ପରିସ୍ଥିତିରୁ ସଫଳତା କିଭଳି ଲାଭ କରାଯାଇପାରେ ତାହା ଯୁଧିଷ୍ଠିର ମିଶ୍ରଙ୍କ ଜୀବନୀରୁ ଶିକ୍ଷା ମିଳେ । ସେ ଯେଉଁ ସଂକଳ୍ପ ନେଇଥିଲେ ତାକୁ କିଭଳି ପରିପୂର୍ଣ୍ଣ କଲେ ସମସ୍ତଙ୍କ ପାଇଁ ଶିକ୍ଷଣୀୟ ବୋଲି କହିଥିଲେ । ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ଶୃଙ୍ଖଳା, ଅନୁଶାସନ ଏବଂ ସମୟାନୁବର୍ତ୍ତିତା ଯୁଧିଷ୍ଠିର ମିଶ୍ରଙ୍କ ସଫଳତାର ମନ୍ତ୍ର ବୋଲି କହିଥିଲେ । ୧୯୩୮ ମସିହାରେ କଟକ ରେଭେନ୍ସା କଲେଜ ପରିସରରେ ତାଙ୍କରି ନେତୃତ୍ୱରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା ବୋଲି ସେ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ଭୋଇ ତାଙ୍କ ବକ୍ତବ୍ୟରେ ମସ୍କ ଠାରେ ହୋଇଥିବା ବିଶ୍ୱ ଶାନ୍ତି ଓ ନିରସ୍ତ୍ରୀକରଣ ସମ୍ମିଳନୀରେ ଯୁଧିଷ୍ଠିର ମିଶ୍ରଙ୍କ ଯାଗଦାନ ଏବଂ ସମ୍ବିଧାନ ପ୍ରଣୟନ ସଭାରେ ତାଙ୍କର ସକ୍ରିୟ ଭାଗିଦାରୀ ଉପରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଶ୍ରୀ ଝାଙ୍କର ତାଙ୍କ ବକ୍ତବ୍ୟରେ ଛାତ୍ର ସମୟରେ ଯୁଧିଷ୍ଠିର କିଭଳି ସ୍ୱାଧୀନତା ସଂଗ୍ରାମରେ ନେତୃତ୍ୱ ନେଇଥିଲେ ଏବଂ ଆଜିର ଜେନ୍‌ଜି ଛାତ୍ର ଆନ୍‌ଦୋଳନର ତୁଳନାତ୍ମକ ଆଲୋଚନା କରିଥିଲେ । ସଭାରେ ରାଜନୀତି ବିଜ୍ଞାନ ଅଧ୍ୟାପିକା ପଦ୍ମାଳୟା ତ୍ରିପାଠୀ, ଛାତ୍ର ଦିଶାନ୍ତ ନନ୍ଦ ଏବଂ ଛାତ୍ରୀ ଅଙ୍କିତା ପଟେଲ ବକ୍ତବ୍ୟ ରଖିଥିଲେ । ସଭାପତୀୟ ଅଭିଭାଷଣରେ ଅଧ୍ୟକ୍ଷ ସେଠ୍ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ନାରେ ତାଙ୍କ କଲେଜ ନାମିତ ହେବା ଗର୍ବର ବିଷୟ ବୋଲି କହିଥିଲେ । ସଭାକୁ ସଂସ୍କୃତ ଅଧ୍ୟାପକ ଡ. ଚୈତାରୀ ପୂଜାର ସଂ ?ଯାଜନା କରିଥିଲେ । ସଭା ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ।

## ବିଂଝାରପୁର ବିଧାୟିକା ଓ ଯାଜପୁର ସାଂସଦଙ୍କ ମଧ୍ୟରେ ଜାରି ରହିଛି ରାଜନୈତିକ ବୟାନବାଜୀ

ଯାଜପୁର,୧୯।୮ :(ମନ୍ଥନ) ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଓ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରାଙ୍କ ମଧ୍ୟରେ ଜାରି ରହିଛି ରାଜନୈତିକ ବୟାନବାଜୀ । ବିଧାୟିକା ପ୍ରମିଳା ମଲ୍ଲିକଙ୍କ ମନ୍ତବ୍ୟକୁ ନେଇ ଯାଜପୁର ସର୍କିଟ ହାଉସ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ଟାର୍ଗେଟ କରିଛନ୍ତି ଯାଜପୁର ସାଂସଦ ରବିନ୍ଦ୍ର ନାରାୟଣ ବେହେରା । ବିଧାୟିକାଙ୍କ ଉକ୍ତିକୁ କାଉଣ୍ଟର କରି ସାଂସଦ କହିଲେ ମୁଁ ବାଇଚାନ୍ସ ଜିତିଗଲି କହି ନିଜ ଯୋଗ୍ୟତାର ପରିଚୟ ଦେଇଛନ୍ତି ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ । ମୁଁ ନ୍ୟାସନେଲ ଇନ୍ଫରମେଶନ ସେଂଟରର ନିର୍ଦ୍ଦେଶକ ଥିଲି । ଚାକିରୀ ଛାଡି ମୈଦାନକୁ ଓହ୍ଲାଇଥିଲି । ମୋର ଯୋଗ୍ୟତା କଣ ତାଙ୍କ ପାଇଁ ବୁଝିବା କଷ୍ଟ । ସେମାନେ ମାନୁପୁଲେସନ କରି ମୋତେ ହରାଇବାକୁ ଚେଷ୍ଟା କରୁଥିଲେ । ସିଏ ହୁଏତ ବାଇଚାନ୍ସ ଜିତିଛନ୍ତି । ମୋତେ ହରାଇବାରେ ସେ ବିଫଳ ହୋଇଥିଲେ । ସିଏ ଚାହୁଁ ନାହାନ୍ତି ବିଂଝାରପୁରର ବିକାଶ, ସିଏ ଚାହୁଁ ନାହାନ୍ତି ଯାଜପୁରର ବିକାଶ । ଦଶରଥପୁରର ସେହି ଅଂଚଳ ବିଂଝାରପୁର ବିଧାୟିକାଙ୍କ ଅଂଚଳ ନଥିଲା । ତଥାପି ତାଙ୍କୁ ଡଙ୍ଗାରେ ବସି ବନ୍ୟାଂଚଳ ଯିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ସେ ତାହା ନକରି ମୁଖ୍ୟମନ୍ତ୍ରୀଙ୍କ ଫେରିବା ବାଟରେ ଦୁଇ ବିଧାୟିକା ରାସ୍ତାରେ ବସି ବାଟ ଓଗାଳିବାକୁ ଚେଷ୍ଟା କରିଥିଲେ । ଯାହା ତାଙ୍କର ଅଭଦ୍ରଚିତ ବ୍ୟବହାର ଥିଲା । ଏଭଳି ନାନା ଟିପ୍ପଣି ଦେଇ ବିଧାୟିକାଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି ଯାଜପୁର ସାଂସଦ ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଆନ୍ଦୋଳନରେ ହିଂସା

ଗଣତନ୍ତ୍ରରେ ଦାବି ରଖିବାର ଅଧିକାର ଅଛି, ପ୍ରତିବାଦ କରିବାର ଅଧିକାର ଅଛି, ସରକାରଙ୍କ ନୀତିକୁ ପ୍ରଶ୍ନ କରିବାର ଅଧିକାର ଅଛି । କିନ୍ତୁ ଗଣତନ୍ତ୍ର କେବେ ମଧ୍ୟ ହିଂସାକୁ ଅନୁମତି ଦିଏନାହିଁ। ନିଜ ଦାବି ପାଇଁ ରାସ୍ତାକୁ ଆସିବା ଏକ ଗଣତାନ୍ତ୍ରିକ ଅଧିକାର; ସାଧାରଣ ଲୋକଙ୍କ ସମ୍ପତ୍ତି ଭାଙ୍ଗିବା, ଗାଡ଼ି ଧ୍ୱଂସ କରିବା, ପୁଲିସ ଯାନକୁ କ୍ଷତି ପହଞ୍ଚାଇବା ଓ ସାଧାରଣ ଜୀବନକୁ ବିପର୍ଯ୍ୟସ୍ତ କରିବା କୌଣସି ଅଧିକାର ନୁହେଁ—ଏହା ଆଇନର ସୀମା ଅତିକ୍ରମ । ରାଜଧାନୀର ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳରେ ଅନଲାଇନ୍? ଟ୍ୟାକ୍ସି ସଂଘର ଆନ୍ଦୋଳନକୁ ନେଇ ଯଦି ଚଉଦଟି 'ଆମ ବସ୍?' ଧ୍ୱଂସ କରାଯାଇଥିବା ଏବଂ ପୁଲିସ ଯାନ କ୍ଷତିଗ୍ରସ୍ତ ହୋଇଥିବା ଘଟଣା ସତ୍ୟ, ତେବେ ଏହାକୁ କେବଳ ଏକ ସଂଘର ଆନ୍ଦୋଳନ ଭାବେ ଦେଖିଲେ ଚାଲିବ ନାହିଁ। ଏହା ସିଧାସଳଖ ଭାବେ ଆଇନ ଓ ଶୃଙ୍ଖଳା, ସାଧାରଣ ସମ୍ପତ୍ତିର ସୁରକ୍ଷା ଏବଂ ନାଗରିକଙ୍କ ସୁରକ୍ଷା ସହ ଜଡ଼ିତ ପ୍ରଶ୍ନ। ଆନ୍ଦୋଳନ ପାଇଁ ଅନୁମତି ଆବଶ୍ୟକ ଥିଲା କି ନାହିଁ, ନିର୍ଦ୍ଧାରିତ ସ୍ଥାନ ଓ ସର୍ତ୍ତ ଉଲ୍ଲଂଘନ ହୋଇଥିଲା କି ନାହିଁ, କିଏ ହିଂସା ଆରମ୍ଭ କଲା, କିଏ ସରକାରୀ ବା ସାଧାରଣ ସମ୍ପତ୍ତି ନଷ୍ଟ କଲା—ଏସବୁର ନିଷ୍ପକ୍ଷ ତଦନ୍ତ ହେବା ଦରକାର। ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଅଧୀନରେ ଯଦି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଥାଏ, ତେବେ ସେହି ନିର୍ଦ୍ଦେଶର ଉଦ୍ଦେଶ୍ୟ ହେଉଛି ଶାନ୍ତି, ସୁରକ୍ଷା ଓ ସାଧାରଣ ଜୀବନର ସୁରକ୍ଷା। ତାହାକୁ ଅମାନ୍ୟ କରି ଭିଡ଼ ହିଂସ୍ର ହେଲେ ତାହାକୁ ଆନ୍ଦୋଳନର ସ୍ୱାଭାବିକ ଅଂଶ ବୋଲି କହିବା ଆଇନର ଶାସନକୁ ଦୁର୍ବଳ କରିବ। ଏଠାରେ ଆଉ ଏକ କଥା ସ୍ପଷ୍ଟ ହେବା ଦରକାର—ବେସରକାରୀ ସଂଘର ନିଜସ୍ୱ ବ୍ୟବସାୟିକ ଦାବି କିମ୍ବା ବିବାଦକୁ ସରକାରୀ ସମ୍ପତ୍ତି ଧ୍ୱଂସର ମାଧ୍ୟମରେ ସମାଧାନ କରାଯାଇପାରେ ନାହିଁ। ଯଦି କୌଣସି ନୀତି, ନିୟମ, ଭଡ଼ା, ଅନୁମତି, ବ୍ୟବସାୟିକ ପ୍ରତିସ୍ପର୍ଦ୍ଧା କିମ୍ବା ପରିବହନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ଅଛି, ତେବେ ଆଲୋଚନା, ସ୍ମାରକପତ୍ର, ଆଇନଗତ ପଦକ୍ଷେପ, ଶାନ୍ତିପୂର୍ଣ୍ଣ ଧାରଣା ଓ ଅନୁମୋଦିତ ପ୍ରତିବାଦ ହେଉଛି ଗଣତାନ୍ତ୍ରିକ ପଥ। କିନ୍ତୁ ରାସ୍ତାରେ ଆଇନ ହାତକୁ ନେଇ ହିଂସା କରିବା ଗ୍ରହଣୀୟ ନୁହେଁ। ଆମ ବସ୍? କେବଳ ଏକ ସରକାରୀ ଯାନ ନୁହେଁ। ଏହା ସାଧାରଣ ଲୋକଙ୍କ ଯାତାୟାତ ସୁବିଧା ସହ ଜଡ଼ିତ। ଏକ ବସ୍? ଭାଙ୍ଗିଲେ କ୍ଷତି କେବଳ ଗାଡ଼ିର ହୁଏ ନାହିଁ; ତାହାର ଭାର ଶେଷରେ ଜନସାଧାରଣଙ୍କ ଉପରେ ପଡ଼?। ଚଉଦଟି ବସ୍? ନଷ୍ଟ ହୋଇଥିଲେ ତାହାର ଅର୍ଥ ହେଉଛି ଚଉଦଟି ଜନସେବାର ସାଧନ କ୍ଷତିଗ୍ରସ୍ତ। ସେହି କ୍ଷତିର ମୂଲ୍ୟ କିଏ ଦେବ? ସାଧାରଣ ଲୋକଙ୍କ କରର ଟଙ୍କାରେ ପୁଣି ସେହି ସମ୍ପତ୍ତି ମରାମତି ହେବ। ତେଣୁ ସାଧାରଣ ସମ୍ପତ୍ତି ଧ୍ୱଂସ କରିବା ମାନେ ଶେଷରେ ଜନତାଙ୍କ ଟଙ୍କା ଉପରେ ଆଘାତ କରିବା। ପୁଲିସ ଯାନ କ୍ଷତିଗ୍ରସ୍ତ କରିବା ତାଠାରୁ ଅଧିକ ଗମ୍ଭୀର। ଆଇନ ଓ ଶୃଙ୍ଖଳା ରକ୍ଷା କରିବା ପାଇଁ ଯେଉଁ ପୁଲିସକର୍ମୀମାନେ ଘଟଣାସ୍ଥଳରେ ରହନ୍ତି, ସେମାନଙ୍କ ଯାନକୁ ଆକ୍ରମଣ କରିବା ରାଜ୍ୟର ଆଇନ ବ୍ୟବସ୍ଥାକୁ ସିଧାସଳଖ ଚ୍ୟାଲେଞ୍ଜ। ଗଣତନ୍ତ୍ରରେ ପୁଲିସକୁ ପ୍ରଶ୍ନ କରାଯାଇପାରେ, ପୁଲିସର କାର୍ଯ୍ୟପଦ୍ଧତି ଉପରେ ଅଭିଯୋଗ କରାଯାଇପାରେ, କିନ୍ତୁ ପୁଲିସ ଯାନ ଧ୍ୱଂସ କରିବା କୌଣସି ସମାଧାନ ନୁହେଁ। ଆନ୍ଦୋଳନକାରୀମାନେ ଏକ କଥା ବୁଝିବା ଆବଶ୍ୟକ—ଦାବିର ନ୍ୟାୟସଙ୍ଗତତା ଏବଂ ଆନ୍ଦୋଳନର ପଦ୍ଧତି ଦୁଇଟି ଭିନ୍ନ ବିଷୟ। ଦାବି ନ୍ୟାୟସଙ୍ଗତ ହୋଇପାରେ, କିନ୍ତୁ ହିଂସ୍ର ପଦ୍ଧତି ତାହାକୁ ନ୍ୟାୟସଙ୍ଗତ କରିଦିଏ ନାହିଁ। ବରଂ ହିଂସା ଦାବିର ନୈତିକ ଶକ୍ତିକୁ ଦୁର୍ବଳ କରେ। ସେଥିପାଇଁ ପ୍ରଶାସନଙ୍କ ଦାୟିତ୍ୱ ମଧ୍ୟ ସ୍ପଷ୍ଟ—ଆଇନ ସମସ୍ତଙ୍କ ପାଇଁ ସମାନ ହେବା ଦରକାର। ଯିଏ ହିଂସା କରିଛି, ସେ କେଉଁ ସଂଘର, କେଉଁ ଦଳର କିମ୍ବା କେଉଁ ପେଶାର ହେଉନା କାହିଁକି, ପ୍ରମାଣ ଆଧାରରେ ତାଙ୍କ ବିରୋଧରେ ଆଇନସମ୍ମତ ପଦକ୍ଷେପ ହେବା ଆବଶ୍ୟକ। ଏହି କାର୍ଯ୍ୟାନୁଷ୍ଠାନ ପ୍ରତିଶୋଧ ନୁହେଁ; ଏହା ଆଇନର ଶାସନ ପ୍ରତିଷ୍ଠାର ଆବଶ୍ୟକତା। ସେହିପରି, ଯଦି କୌଣସି ସରକାରୀ କର୍ମଚାରୀ କିମ୍ବା ପୁଲିସକର୍ମୀ ନିଜ କର୍ତ୍ତବ୍ୟ ପାଳନରେ ଅନିୟମ କରିଥିବାର ପ୍ରମାଣ ମିଳେ, ତାଙ୍କ ବିରୋଧରେ ମଧ୍ୟ ଆଇନସମ୍ମତ ତଦନ୍ତ ହେବା ଦରକାର। ନ୍ୟାୟର ମୂଳ ନୀତି ହେଉଛି—କେହି ଆଇନରୁ ଉପରେ ନୁହେଁ। ମାଷ୍ଟର କ୍ୟାଣ୍ଟିନ ଭଳି ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସ୍ଥାନରେ ଅନୁମତି ବିନା ଆନ୍ଦୋଳନ କରାଯାଇଥିଲେ ଏବଂ ତାହାରୁ ଯାତାୟାତ ବ୍ୟବସ୍ଥା ଓ ସାଧାରଣ ଜୀବନ ବାଧାପ୍ରାପ୍ତ ହୋଇଥିଲେ, ପ୍ରଶାସନଙ୍କୁ ଆରମ୍ଭରୁ ଆଇନସମ୍ମତ ଓ ସଂଯମୀ ପଦକ୍ଷେପ ନେବାକୁ ହେବ। ଭିଡ଼ ଜମିବା ପୂର୍ବରୁ ସଂଳାପ, ସ୍ପଷ୍ଟ ନିର୍ଦ୍ଦେଶ ଓ ବିକଳ୍ପ ସ୍ଥାନ ଦେବା ଭଳି ପଦକ୍ଷେପ ଉତ୍ତ?ଜନା ହ୍ରାସ କରିପାରେ। କିନ୍ତୁ ଥରେ ହିଂସା ଆରମ୍ଭ ହେଲେ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରଥମ ଦାୟିତ୍ୱ ହୋଇଯାଏ। ଆମେ ଏଠାରେ ଏକ ମୌଳିକ ପ୍ରଶ୍ନ କରିବା ଦରକାର—କୌଣସି ବେସରକାରୀ ଆନ୍ଦୋଳନର ଦାବି ପାଇଁ ସରକାର କାହିଁକି ଜନସମ୍ପତ୍ତିର କ୍ଷତିର ଭାର ବହନ କରିବ? ସରକାରଙ୍କ ଭୂମିକା ହେଉଛି ଆଇନ ଅନୁସାରେ ସମସ୍ତ ପକ୍ଷଙ୍କ କଥା ଶୁଣିବା, ଯଥାର୍ଥ ଦାବିର ସମାଧାନ ଖୋଜିବା ଏବଂ ଆଇନ ଭାଙ୍ଗିଲେ ଆଇନ ଅନୁସାରେ ପଦକ୍ଷେପ ନେବା। କୌଣସି ବେସରକାରୀ ସଂଘର ବ୍ୟବସାୟିକ ବିବାଦରେ ସରକାର ନିଜ ସମ୍ପତ୍ତି ଧ୍ୱଂସ ହେବାକୁ ଦେଇପାରେ ନାହିଁ। ଜନତାଙ୍କ ସମ୍ପତ୍ତି ଜନତାଙ୍କର; ତାହାକୁ ସୁରକ୍ଷା କରିବା ରାଜ୍ୟର ଦାୟିତ୍ୱ। ଏହି ଘଟଣା ଆମକୁ ଆଉ ଏକ ବଡ଼ ଶିକ୍ଷା ଦେଉଛି—ଆନ୍ଦୋଳନର ଅର୍ଥ ଅରାଜକତା ନୁହେଁ। ଅଧିକାରର ଅର୍ଥ ଅସୀମ ସ୍ୱାଧୀନତା ନୁହେଁ। ପ୍ରତ୍ୟେକ ଅଧିକାର ସହିତ ଦାୟିତ୍ୱ ଯୋଡ଼ିତ। ନିଜ ଦାବି ପାଇଁ ଆନ୍ଦୋଳନ କରୁଥିବା ବ୍ୟକ୍ତି ଅନ୍ୟ ନାଗରିକଙ୍କ ଜୀବନ, ସୁରକ୍ଷା, ଯାତାୟାତ ଓ ସମ୍ପତ୍ତିକୁ ବିପଦରେ ପକାଇବାର ଅଧିକାର ରଖେନାହିଁ। ଆମ ବସ୍?ର ଚାଳକ, ପରିଚାଳକ, ଯାତ୍ରୀ ଓ ପଥଚାରୀମାନଙ୍କ ସୁରକ୍ଷା କୌଣସି ଆନ୍ଦୋଳନଠାରୁ ଛୋଟ ନୁହେଁ। ଜଣେ ନିରୀହ ଯାତ୍ରୀଙ୍କ ଜୀବନ ଯଦି ଏପରି ହିଂସାରେ ବିପଦରେ ପଡ଼?, ତାହାର ଦାୟିତ୍ୱ କିଏ ନେବ? ଏହି ପ୍ରଶ୍ନର ଉତ୍ତର ସମାଜକୁ ଖୋଜିବାକୁ ହେବ। ତେଣୁ ଆଜିର ଆବଶ୍ୟକତା ହେଉଛି କଠୋରତା ସହିତ ନ୍ୟାୟ, ଏବଂ ନ୍ୟାୟ ସହିତ ସଂଯମ। ହିଂସାକାରୀଙ୍କ ବିରୋଧରେ ଆଇନ ଅନୁସାରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହେଉ; ନଷ୍ଟ ହୋଇଥିବା ସରକାରୀ ସମ୍ପତ୍ତିର କ୍ଷତିର ମୂଲ୍ୟାୟନ ହେଉ; ଘଟଣାର ସମ୍ପୂର୍ଣ୍ଣ ଚିତ୍ର ପାଇଁ ଉପଲବ୍ଧ ପ୍ରମାଣ, ଦୃଶ୍ୟ ରେକର୍ଡ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଆଧାର କରାଯାଉ; ଏବଂ ନିର୍ଦ୍ଦୋଷ ଲୋକଙ୍କୁ ହଇରାଣ ନକରାଯାଉ। ସେହି ସମୟରେ ଆନ୍ଦୋଳନକାରୀଙ୍କ ଯଥାର୍ଥ ଅଭିଯୋଗ ଥିଲେ ତାହାକୁ ଆଲୋଚନାର ଟେବୁଲକୁ ଆଣାଯାଉ। ଗଣତନ୍ତ୍ରରେ ସଂଳାପର ଦ୍ୱାର କେବେ ବନ୍ଦ ହେବା ଉଚିତ ନୁହେଁ; କିନ୍ତୁ ସଂଳାପର ଦ୍ୱାର ଖୋଲା ରଖିବାର ଅର୍ଥ ଆଇନ ଭାଙ୍ଗିବାକୁ ଛାଡ଼ ଦେବା ନୁହେଁ। ଆଜି ସମାଜକୁ ଏକ ସ୍ପଷ୍ଟ ସନ୍ଦେଶ ଦେବାର ସମୟ—ଆନ୍ଦୋଳନକୁ ସମ୍ମାନ, ଦାବିକୁ ଶୁଣାଣି, କିନ୍ତୁ ହିଂସାକୁ ଶୂନ୍ୟ ସହନଶୀଳତା। ରାଜ୍ୟର ରାସ୍ତା କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ; ସରକାରୀ ବସ୍? କାହାର ବ୍ୟକ୍ତିଗତ ଶତ୍ରୁ ନୁହେଁ; ପୁଲିସ ଯାନ ଭାଙ୍ଗିବା କୌଣସି ଦାବିକୁ ନ୍ୟାୟସଙ୍ଗତ କରେନାହିଁ। ଆଇନ ହାତକୁ ନେଲେ ଗଣତନ୍ତ୍ର ଶକ୍ତିଶାଳୀ ହୁଏନାହିଁ, ବରଂ ଦୁର୍ବଳ ହୁଏ। ଓଡ଼ିଶାର ରାଜଧାନୀରେ ଏପରି ଘଟଣା ପୁନରାବୃତ୍ତି ନହେବା ପାଇଁ ପ୍ରଶାସନ, ପୁଲିସ, ପରିବହନ ସଂସ୍ଥା ଓ ସମ୍ପୃକ୍ତ ସଂଘ—ସମସ୍ତଙ୍କୁ ଦାୟିତ୍ୱଶୀଳ ହେବାକୁ ପଡ଼ିବ। ଦାବି ରହୁ, ପ୍ରତିବାଦ ରହୁ, ଆନ୍ଦୋଳନ ରହୁ—କିନ୍ତୁ ଓଡ଼ିଶାର ରାସ୍ତାରେ ହିଂସା ନୁହେଁ। ଜନସମ୍ପତ୍ତି ଧ୍ୱଂସ ନୁହେଁ। ଆଇନକୁ ଅବମାନନା ନୁହେଁ। ଗଣତନ୍ତ୍ରର ସୌନ୍ଦର୍ଯ୍ୟ ହେଉଛି ମତଭେଦ ମଧ୍ୟରେ ମଧ୍ୟ ଶାନ୍ତିପୂର୍ଣ୍ଣ ସଂଳାପ। ଏହି ସୀମା ଅତିକ୍ରମ କଲେ ଦାବି ଯେତେ ଯଥାର୍ଥ ହେଉ, ହିଂସା ତାହାର ନୈତିକ ଭିତ୍ତିକୁ ଧ୍ୱଂସ କରିଦିଏ। ତେଣୁ ମାଷ୍ଟର କ୍ୟାଣ୍ଟିନ ଘଟଣାରୁ ଏକ ଦୃଢ଼ ସନ୍ଦେଶ ବାହାରିବା ଦରକାର—ଆଇନ ମାନି ଆନ୍ଦୋଳନ କରନ୍ତୁ, ଆଇନ ଭାଙ୍ଗି ଆନ୍ଦୋଳନର ନାମ ଖରାପ କରନ୍ତୁ ନାହିଁ। ଗଣତନ୍ତ୍ରରେ ଅଧିକାର ଅଛି, କିନ୍ତୁ ହିଂସାର ଅଧିକାର କାହାରି ନାହିଁ। ଲୋକତନ୍ତ୍ରରେ ନିଜ ଦାବି ଉଠାଇବା ପ୍ରତ୍ୟେକ ନାଗରିକଙ୍କ ଅଧିକାର, କିନ୍ତୁ ଦାବି ପୂରଣ ପାଇଁ ରାସ୍ତାରେ ହିଂସା, ଭଙ୍ଗାରୁଜା, ଯାନବାହନର ଟାୟାର ଖୋଲିଦେବା, ସାଧାରଣ ସମ୍ପତ୍ତି ନଷ୍ଟ କରିବା କିମ୍ବା ଲୋକଙ୍କ ଜୀବନକୁ ବିପଦରେ ପକାଇବା କୌଣସି ପରିସ୍ଥିତିରେ ଗ୍ରହଣୀୟ ହୋଇପାରେ ନାହିଁ। ବିଶେଷକରି ଯଦି ଦାବିଟି ଏକ ବେସରକାରୀ ବ୍ୟବସାୟିକ ସଂସ୍ଥା କିମ୍ବା ସେବା ସହ ଜଡ଼ିତ, ତେବେ ସେହି ଦାବିର ଦାୟିତ୍ୱ ସରକାରଙ୍କ ଉପରେ ଅନ୍ଧାଭାବେ ଚାପିଦେବା ମଧ୍ୟ ଯୁକ୍ତିସଙ୍ଗତ ନୁହେଁ। ସରକାର ନିୟମ ତିଆରି କରିପାରେ, ଆଇନ ପ୍ରୟୋଗ କରିପାରେ, ଆଲୋଚନାର ମଞ୍ଚ ଦେଇପାରେ ଏବଂ ଆଇନଶୃଙ୍ଖଳା ରକ୍ଷା କରିପାରେ; କିନ୍ତୁ ପ୍ରତ୍ୟେକ ବେସରକାରୀ ବ୍ୟବସାୟିକ ବିବାଦରେ ସରକାର ନିଜେ ପକ୍ଷ ନେଇ ଦାବି ପୂରଣ କରିବେ—ଏପରିଧାରଣା ଲୋକତାନ୍ତ୍ରିକ ଶାସନର ସ୍ୱାଭାବିକ ପରିଧି ନୁହେଁ। ଆଉ ଅଧିକ ଚିନ୍ତାଜନକ କଥା ହେଉଛି, ଆନ୍ଦୋଳନର ନାମରେ ଯଦି କୌଣସି ଯାନବାହନର ଟାୟାରର ହାୱା ଖୋଲିଦିଆଯାଏ, ଯାନ ଅଚଳ କରାଯାଏ କିମ୍ବା ଚାଳକ ଓ ଯାତ୍ରୀଙ୍କୁ ବିପଦରେ ପକାଯାଏ, ତେବେ ଏହା କେବଳ ଏକ ପ୍ରତିବାଦ ନୁହେଁ; ଏହା ସିଧାସଳଖ ଭାବରେ ଲୋକସୁରକ୍ଷାର ପ୍ରଶ୍ନ ହୋଇଯାଏ।

# କେନ୍ଦ୍ରର ଖେଳ-ଓଡିଶା ପାଇଁ କାଳ: ଏଥିପାଇଁ ଦାୟୀ କିଏ ?

## ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ସଦର ଗତ ମୌସୁମୀ ଅଧିବେଶନରେ ଯେପରି ଭାବେ 'ଖଣି ଓ ଖଣିଜ (ବିକାଶ ଏବଂ ନିୟନ୍ତ୍ରଣ) ଅଧିନିୟମ ୧୯୫୭' (ସଂଶୋଧନ ୨୦୨୬) ସଂଶୋଧନ ବିଧେୟକକୁ ବିନା ଆଲୋଚନାରେ ପାରିତ କରିଦିଆଗଲା, ତାହା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏହି ସଂଶୋଧନ ଦ୍ୱାରା ଏମଏମଡିଆର ଆକ୍ଟରେ ଏକ ନୂତନ ଧାରା ୯ଡି ସାମିଲ କରାଯାଇଛି, ଯାହା ଦ୍ୱାରା କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତ ବା କଟକଣା ବ୍ୟତୀତ, ରାଜ୍ୟ ସରକାର ଖଣିଜ ଅଧିକାର କିମ୍ବା ଖଣିଜ ସମ୍ପନ୍ନ ଜମି ଉପରେ କୌଣସି ପ୍ରକାରର ଟ୍ୟାକ୍ସ, ସେସ୍ କିମ୍ବା ସେହିଭଳି ଅନ୍ୟ କୌଣସି ଶୁଳ୍କ ଲଗାଇ ପାରିବେ ନାହିଁ। ଏହି ପ୍ରବନ୍ଧନ ଖଣିଜ ପଦାର୍ଥର ପରିମାଣ, ଖଣିଜର ମୂଲ୍ୟ, ପ୍ରଦେୟ ରୟାଲଟି କିମ୍ବା ଅନ୍ୟ କୌଣସି ଆଧାରରେ ହୋଇଥାଉ ନାହିଁ କାହିଁକି।

ଏହି ନୂତନ ଆଇନ ଜୁଲାଇ ୨୦୨୪ର ସର୍ବୋଚ୍ଚ ନ୍ୟାୟାଳୟଙ୍କ (ସୁପ୍ରିମ୍ କୋର୍ଟ) ରାୟକୁ ରଦ୍ଦ କରିଦେଇଛି, ଯେଉଁ ରାୟ ବଳରେ ରାଜ୍ୟ ସରକାରମାନେ ନିଜ ରାଜ୍ୟରେ ଗଚ୍ଛିତ ଥିବା ଖଣିଜ ସମ୍ପଦ ତଥା ଖଣିଜଯୁକ୍ତ ଜମି ଉପରେ କର ବା ସେସ ଲଗାଇ ପାରିବେ। ଏକ ଆକଳନ ଅନୁଯାୟୀ, ସୁପ୍ରିମ୍ କୋର୍ଟଙ୍କ ରାୟ ଆଧାରରେ ୨୦୦୫ ମସିହାରୁ ୨୦୨୪ ପର୍ଯ୍ୟନ୍ତ ପିଛିଲା ଭାବେ ଆଦାୟ କରାଯିବାକୁ ଥିବା ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କା ଓଡ଼ିଶା ହରାଇବାକୁ ଯାଉଛି ଏବଂ ଏହା ସହିତ 'ଓଡ଼ିଶା ଗ୍ରାମୀଣ ଭିତ୍ତିଭୂମି ଓ ସାମାଜିକ-ଅର୍ଥନୈତିକ ବିକାଶ ଅଧିନିୟମ ୨୦୦୪' ଅନୁଯାୟୀ ବାର୍ଷିକ ପ୍ରାୟ ୧୨,୦୦୦ କୋଟି ଟଙ୍କାର ନିୟମିତ ରାଜସ୍ୱ ମଧ୍ୟ ଓଡ଼ିଶା ହରାଇବ।

ସମ୍ବିଧାନର ସପ୍ତମ ଅନୁସୂଚୀର ଦ୍ୱିତୀୟ ତାଲିକା (List-II / ରାଜ୍ୟ ତାଲିକା) ଅନ୍ତର୍ଗତ ରାଜ୍ୟଗୁଡ଼ିକର କ୍ଷମତାକୁ ସଂକୁଚିତ କରିବା ପାଇଁ କେନ୍ଦ୍ରର ଏହି ପଦକ୍ଷେପ ହେଉଛି ସମ୍ପଦ ଭିତ୍ତିକ ସଂଘୀୟ ବ୍ୟବସ୍ଥାର ଏକ ଉଲ୍ଲଂଘନ, ଯାହାକି ଆମ ସମ୍ବିଧାନର ଅନ୍ୟତମ ମୂଳ ଗଠନ ପ୍ରଣାଳୀ ଅଟେ।ସର୍ବୋଚ୍ଚ ନ୍ୟାୟାଳୟଙ୍କ (ସୁପ୍ରିମ୍ କୋର୍ଟ) ରାୟକୁ ବଦଳାଇ ଖଣି କମ୍ପାନୀଗୁଡ଼ିକର ସ୍ୱାର୍ଥ ରକ୍ଷା କରିବା ହିଁ ଏଭଳି ଏକ ସଂଶୋଧନ ପଛର ପ୍ରକୃତ ଉଦ୍ଦେଶ୍ୟ। ସୁପ୍ରିମ୍‌କୋର୍ଟଙ୍କ ଏକ ୯-ଜଣିଆ ସାମ୍ବିଧାନିକ ପୀଠ ଜୁଲାଇ ୨୫, ୨୦୨୪ରେ ୮-୧ ବହୁମତରେ ଦେଇଥିବା ରାୟ ଏବଂ ଏହାର ପରବର୍ତ୍ତୀ ଅଗଷ୍ଟ ୧୪, ୨୦୨୪ର ନିର୍ଦ୍ଦେଶନାମାରେ ରାଜ୍ୟ ତାଲିକାର ଏଣ୍ଟ୍ରି ୪୯ ଏବଂ ୫୦ ଅନୁଯାୟୀ, ଉତ୍ତୋଳନ କରାଯାଉଥିବା ଖଣିଜ ପଦାର୍ଥର ମୂଲ୍ୟ ଆଧାରରେ ଖଣିଜ ଓ ଖଣିଜ ଯୁକ୍ତ ଜମି ଉପରେ ଟ୍ୟାକ୍ସ ଲଗାଇବା ପାଇଁ ରାଜ୍ୟଗୁଡ଼ିକର ଅଧିକାରକୁ ସ୍ୱୀକୃତି ଦେଇଥିଲେ। ଏଥିସହ ରାଜ୍ୟଗୁଡ଼ିକ ଏପ୍ରିଲ ୧, ୨୦୦୫ରୁ ପିଛିଲା ପ୍ରଭାବ ସହିତ ଏହି ଟ୍ୟାକ୍ସ ଆଦାୟ କରିପାରିବେ । ଏହି ପାଉଣାକୁ ଏପ୍ରିଲ ୧, ୨୦୨୬ଠାରୁ ୧୨ ବର୍ଷ ମଧ୍ୟରେ କିସ୍ତି ଆକାରରେ ଏହା ଆଦାୟ କରାଯିବାର ବ୍ୟବସ୍ଥା ଥିଲା। ଏହି ରାୟ ପରେ, ବେସରକାରୀ ଭାବେ ଆକଳନ କରାଯାଇଥିଲା ଯେ ଭାରତର ଖଣି କ୍ଷେତ୍ରକୁ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କାର ବକେୟା ପ୍ରଦାନ କରିବାକୁ ପଡ଼ିବ।

୨୦୨୪ର ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଅନେକ ରାଜ୍ୟକୁ ସେସ୍ ଆଦାୟ ପାଇଁ ରାଜ୍ୟ-ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ କରିବାକୁ ସକ୍ଷମ କରିଛି, ଯେପରିକି 'ଝାଡ଼ଖଣ୍ଡ ଖଣିଜ ଯୁକ୍ତ ଜମି ସେସ୍ ଅଧିନିୟମ ୨୦୨୪' ଯାହା ୨୦୨୪ମସିହାରୁ କାର୍ଯ୍ୟକାରୀ ହୋଇଆସୁଛି।୨୦୨୬-୨୭ ଆର୍ଥିକ ବର୍ଷରେ ଝାଡ଼ଖଣ୍ଡ ରାଜ୍ୟ ଏହି ସେସ୍‌ରୁ ୧୪,୬୫୬ କୋଟି ଟଙ୍କାର ରାଜସ୍ୱ ଆକଳନ କରିଥିବାବେଳେ ୨୦୨୫-୨୬ ବର୍ଷରେ ଏହି ଆଦାୟ ପ୍ରାୟ ୧୩,୪୪୨ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଜୁନ୍ ୨୦୨୪ରେ ଓଡ଼ିଶାରେ କ୍ଷମତାକୁ ଆସିଥିବା ବିଜେପିର 'ଡବଲ୍ ଇଞ୍ଜିନ'ସରକାର ଉଦ୍ଦେଶ୍ୟମୂଳକ ଭାବେ ରାଜ୍ୟରେ ଏହି ରାୟର କାର୍ଯ୍ୟକାରିତାକୁ ଏଡ଼ାଇ ଥିଲେ।

ଏବେ ଏହି ସଂଶୋଧନର ଫଳରେ ଖଣିଜଦ୍ରବ୍ୟ ଧନୀ ରାଜ୍ୟ ଅନେକ କ୍ଷତି ସହିବେ । ଝାଡ଼ଖଣ୍ଡ ଭଳି ରାଜ୍ୟ, ଯେଉଁମାନେ ସୁପ୍ରିମ୍ କୋର୍ଟଙ୍କ ରାୟ ପରେ ତୁରନ୍ତ ଖଣିଜ ଯୁକ୍ତ ଜମିରୁ ସେସ୍ ଆଦାୟ କରିସାରିଛନ୍ତି, ସେମାନେ ସାମାନ୍ୟ ଭାବେ ଲାଭବାନ ହୋଇଛନ୍ତି, କିନ୍ତୁ ଓଡ଼ିଶା କ୍ଷେତ୍ରରେ ଏପରି ହୋଇନାହିଁ। ଖଣିଜ ରାଜସ୍ୱ ବ୍ୟତୀତ, ସମ୍ପଦ ନିୟନ୍ତ୍ରଣ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ରାଜ୍ୟ ଅର୍ଥନୀତି ଉପରେ ବ୍ୟାପକ ପ୍ରଭାବ ପକାଇବ, କାରଣ ଖଣିରୁ ମିଳୁଥିବା ଆୟ ହେଉଛି ରାଜ୍ୟଗୁଡ଼ିକର କର (tax) ଏବଂ ଅଣ-କର ରାଜସ୍ୱର ଅନ୍ୟତମ ପ୍ରମୁଖ ଉତ୍ସ।

ଉଚ୍ଚତମ ନ୍ୟାୟାଳୟର ଏହି ରାୟ ଏକ ଐତିହାସିକ ନିଷ୍ପତ୍ତି ଥିଲା, କାରଣ ଖଣିଜ ଅଧିକାର ଏବଂ ଖଣିଜ ଯୁକ୍ତ ଜମି ଉପରେ ସେସ୍ ଆଦାୟ କରିବା ପାଇଁ ଖଣିଜ ସମ୍ପଦ ଭିତ୍ତିକ ରାଜ୍ୟଗୁଡ଼ିକର ଏକ ଦୀର୍ଘ ଦିନର ଦାବି ରହିଥିଲା। ଏହି ରାୟ 'ଇଣ୍ଡିଆନ୍ ସିମେଣ୍ଟ ବନାମ ତାମିଲନାଡୁ ରାଜ୍ୟ' ମାମଲାରୁ ସୃଷ୍ଟି ହୋଇଥିବା ଏବଂ ଗତ ୩୫ ବର୍ଷ ଧରି ପ୍ରଚଳିତ ଥିବା ସେହି ସ୍ଥାପିତ ଧାରଣାକୁ ବଦଳାଇ ଦେଇଛି, ଯେଉଁଥିରେ କୁହାଯାଇଥିଲା ଯେ 'ରୟାଲଟି ହେଉଛି ଏକ ଟ୍ୟାକ୍ସ'। ତତ୍କାଳୀନ ପ୍ରଧାନ ବିଚାରପତିଙ୍କ ଦ୍ୱାରା ଲିଖିତ ଏହି ରାୟରେ ସପ୍ତମ ଅନୁସୂଚୀ ଅନ୍ତର୍ଗତ ରାଜ୍ୟଗୁଡ଼ିକର ଆଇନଗତ କ୍ଷମତାକୁ ସ୍ୱୀକୃତି ଦେବା ସହିତ, ରୟାଲଟି ଏବଂ ଟ୍ୟାକ୍ସ ମଧ୍ୟରେ ଥିବା ମୌଳିକ ପାର୍ଥକ୍ୟକୁ ବହୁତ ଭଲ ଭାବରେ ସ୍ପଷ୍ଟ କରାଯାଇଥିଲା।

ଖଣିଜ ପଦାର୍ଥ, ଖଣିଜ ଯୁକ୍ତ ଜମି ଏବଂ ଖଣିଜ କାର୍ଯ୍ୟକଳାପ ଉପରେ ରାଜ୍ୟଗୁଡ଼ିକର ଆଇନଗତ କ୍ଷମତାର ପ୍ରସଙ୍ଗ ତାମିଲନାଡୁ, ପଶ୍ଚିମବଙ୍ଗ, ଓଡ଼ିଶା, ଝାଡ଼ଖଣ୍ଡ ଏବଂ ବିହାର ଭଳି ଅନେକ ରାଜ୍ୟ ଦ୍ୱାରା ବିଭିନ୍ନ ରାଜ୍ୟର ହାଇକୋର୍ଟ, ସର୍ବୋଚ୍ଚ ନ୍ୟାୟାଳୟ, ଆନ୍ତଃ-ରାଜ୍ୟ ସମ୍ପର୍କ ଓ ଖଣି ଉପରେ ଗଠିତ କମିଶନ, ଜଷ୍ଟିସ୍ ସରକାରିଆ କମିଶନ (୧୯୮୩) ଏବଂ ଅନୱର ହୁଦା କମିଟି (୨୦୦୬) ଏବଂ ଶେଷରେ ସଂସଦରେ ମଧ୍ୟ ଅନେକ ଥର ଉଠାଯାଇଛି; କିନ୍ତୁ ବେସରକାରୀ ଖଣି ଲବି ଏବଂ କେନ୍ଦ୍ର ସରକାରଙ୍କ ମାଲିକାନାରେ ଥିବା ପିଏସୟୁ ଗୁଡ଼ିକର ଚାପ ଯୋଗୁଁ ଏହାକୁ ଉଦ୍ଦେଶ୍ୟମୂଳକ ଭାବେ ଅଣଦେଖା କରାଯାଇ ଆସିଛି।

ଜମି ଏକ ରାଜ୍ୟ ଅଧୀନସ୍ଥ ବିଷୟ ହୋଇଥିବା ବେଳେ, ଏମଏମଡିଆର ଆକ୍ଟ ୧୯୫୭ର ଆଳ ଦେଖାଇ ଖଣିଜ ଏବଂ ଖଣିଜ ଯୁକ୍ତ ଜମିକୁ ଛଡ଼ାଇ ନିଆଯାଉଛି ଏବଂ ରାଜ୍ୟ ପାଇଁ ରୟାଲଟିକୁ ହିଁ ଏକମାତ୍ର ବିକଳ୍ପ ଭାବେ ସୀମିତ କରିଦିଆଯାଉଛି। କେନ୍ଦ୍ର ଦ୍ୱାରା ରୟାଲଟି ମଧ୍ୟ ଅନିୟମିତ ଭାବେ ସ୍ଥିର କରାଯାଉଛି, ଯାହା ରାଜ୍ୟଗୁଡ଼ିକୁ ଖଣିଜ କାର୍ଯ୍ୟକଳାପରୁ ସେମାନଙ୍କର ପ୍ରାପ୍ୟ ଅଂଶରୁ ବଞ୍ଚିତ କରୁଛି। ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଛତିଶଗଡ଼ ଭଳି ଖଣିଜ ସମ୍ପଦ ଭିତ୍ତିକ ରାଜ୍ୟଗୁଡ଼ିକ ମୁଖ୍ୟତଃ ଭାରତର ଗରିବ ରାଜ୍ୟ ଅଟନ୍ତି, ଯେଉଁମାନେ କ୍ରମବର୍ଦ୍ଧିଷ୍ଣୁ ବିକାଶମୂଳକ ଆହ୍ୱାନଗୁଡ଼ିକୁ ପୂରଣ କରିବା ପାଇଁ ରାଜସ୍ୱ ନିଅଣ୍ଟ ସହ ସଂଘର୍ଷ କରୁଛନ୍ତି ଏବଂ ଏହି ରାଜ୍ୟଗୁଡ଼ିକରେ ଅଧିକାଂଶ ଭାବେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ପଛୁଆ ବର୍ଗ ଭଳି ପଛୁଆ ସାମାଜିକ ଗୋଷ୍ଠୀର ଲୋକମାନେ ବସବାସ କରନ୍ତି। ଏହି ରାଜ୍ୟଗୁଡ଼ିକରୁ ହିଁ ଦେଶର ସବୁଠାରୁ ଅଧିକ ସଂଖ୍ୟକ ଦାଦନ ଶ୍ରମିକ ବାହାରକୁ ଯାଇଥାନ୍ତି।

ପ୍ରଦୂଷଣ ଜନିତ ସ୍ୱାସ୍ଥ୍ୟ ସମସ୍ୟା ବ୍ୟତୀତ, ଖଣିଜ କାର୍ଯ୍ୟକଳାପ ଯୋଗୁଁ କୃଷି ଏବଂ ଜଙ୍ଗଲ ଭିତ୍ତିକ ଜୀବିକା ହରାଇବା ଭଳି ସମସ୍ୟା ଦ୍ୱାରା ଏହି ଖଣିଜ ଗର୍ଭିତ ଅଞ୍ଚଳଗୁଡ଼ିକ ବହୁତ ଖରାପ ଭାବେ ପ୍ରଭାବିତ ହେଉଛନ୍ତି। ଓଡ଼ିଶା ଏକ ଖଣିଜ ସମ୍ପଦ ଭିତ୍ତିକ ରାଜ୍ୟ ଭାବରେ, ଖଣି ଏବଂ ଖଣିଜ ଭିତ୍ତିକ ଶିଳ୍ପଗୁଡ଼ିକର ସମସ୍ତ ପ୍ରତିକୂଳ ପ୍ରଭାବ ସହୁଥିବା ବେଳେ ଜାତୀୟ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଆସୁଛି, କିନ୍ତୁ ଏହାର ବଦଳରେ ପରିବେଶ ସୁରକ୍ଷା ଏବଂ ସାମାଜିକ ବିକାଶ ପାଇଁ ମଧ୍ୟ ସେସ୍ ଲଗାଇବାର କୌଣସି କ୍ଷମତା ଏହା ପାଖରେ ନାହିଁ। ଜନସାଧାରଣଙ୍କ ପାଣ୍ଠିରୁ ନିର୍ମିତ ସମସ୍ତ ପ୍ରକାରର ସର୍ବସାଧାରଣ ଭିତ୍ତିଭୂମି ଯେପରିକି ରାସ୍ତା, ରେଳଲାଇନ, ସମୁଦ୍ର ବନ୍ଦର, ବିଦ୍ୟୁତ, ଜଳ ଏବଂ ଆଇନ ଶୃଙ୍ଖଳା ରକ୍ଷା ଭଳି ସରକାରୀ ସେବାର ମୁଖ୍ୟ ହିତାଧିକାରୀ ହେଉଛନ୍ତି ଖଣି କମ୍ପାନୀଗୁଡ଼ିକ। ଓଡ଼ିଶାର କୋଇଲା ଏବଂ ତାପଜ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ଅନେକ ରାଜ୍ୟ ପାଇଁ ଶକ୍ତିର ମୁଖ୍ୟ ଉତ୍ସ ସାଜିଛି ଏବଂ ଏହାର ରଣନୀତିକ ଖଣିଜ ସମ୍ପଦ ଜାତୀୟ ପ୍ରଗତି ପାଇଁ ବ୍ୟବହୃତ ହେବା ସହ ଦୀର୍ଘ ଦିନ ଧରି ବଡ ବଡ ବେସରକାରୀ କମ୍ପାନୀଗୁଡ଼ିକୁ ବ୍ୟାପକ ଭାବେ ଲାଭାନ୍ୱିତ କରିଆସୁଛି। ସମ୍ବିଧାନ ଅଧୀନରେ ନିଜର ଅଧିକାରକୁ ସୁରକ୍ଷିତ କରିବା ପାଇଁ ସମସ୍ତ ଖଣିଜ ସମ୍ପଦ ଭିତ୍ତିକ ରାଜ୍ୟଗୁଡ଼ିକ ଏକାଠି ହେବା ଆବଶ୍ୟକ।

ଓଡିଶାର ବିକାଶ ଉପରେ ଏହାର ସୁଦୂରପ୍ରସାରୀ ପ୍ରଭବ ପଡିବ, କାରଣ ଓଡିଶା ନିଜସ୍ୱ ସୂତ୍ରରୁ ଆଦାୟ କରୁଥିବା ଟିକସର ସିଂହଭାଗ କେବଳ ଖଣି ଏବଂ ଖଣିଜ ଦ୍ରବ୍ୟ ଉପରେ ଟିକସ ତଥା ସେସରୁ ମିଳିଥାଏ। କିନ୍ତୁ, ଏହି ଅଧିନିୟମ ଫଳରେ ରାଜ୍ୟ ବର୍ଷକୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହରାଇବା ସହିତ ନୂତନ ପାଣ୍ଠି ଯୋଗାଡ କରିବାରେ ଏହା ଅସୁବିଧାର ସମ୍ମୁଖୀନ ହେବ। ତେଣୁ, ଅନେକ କଲ୍ୟାଣକାରୀ ଯୋଜନା ପ୍ରଭାବିତ ହେବାର ଆଶଙ୍କା ରହିଛି। ବର୍ତ୍ତମାନ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ କେନ୍ଦ୍ର ସରକାରର କ୍ଷତି ପୂରଣ ଓ ରୟାଲଟି ବାବଦରେ ଅନୁଦାନ ଉପରେ ନିର୍ଭର ହେବାକୁ ପଡିବ, ଯାହା ଅତ୍ୟନ୍ତ ସ୍ୱଳ୍ପ। ତେଣୁ, ଏହି ସଂଶୋଧିତ ବିଲରେ ଖଣିଜ ସମ୍ପନ୍ନ ରାଜ୍ୟର ଅଧିକାରକୁ ସୁରକ୍ଷିତ କରିବା ପାଇଁ ଧ୍ୟାନ ଦେବା ଆବଶ୍ୟକ। ଓଡିଶାରେ ଡବଲ ଇଞ୍ଜିନ ସରକାର ଏ ବିଷୟରେ ମୁହଁ ଖୋଲୁ ନାହାନ୍ତି, ରାଜ୍ୟରେ ଥିବା ଶାସକ ଦଳର କୋଡିଏ ଜଣ ସାଂସଦ ନା ଲୋକସଭା ନା ରାଜ୍ୟ ସଭାରେ ମୁହଁ ଫିଟାଇଲେ।

ଯେତେବେଳେ, ରାଜ୍ୟର ଟିକସ ଅଧିକାର ଉପରେ କେନ୍ଦ୍ର କୌଣସି ଆଇନ ପ୍ରଣୟନ କରିବ, ତାହା ରାଜ୍ୟସରକାରଙ୍କ ସହିତ ପୂର୍ବ ଆଲୋଚନା ସହିତ ହେବା ଉଚିତ। କିନ୍ତୁ, ଏହି ଆଇନକୁ କେବଳ ଖଣି କମ୍ପାନୀମାନଙ୍କୁ ସୁରକ୍ଷା ପ୍ରଦାନ ଦେବା ପାଇଁ ତରବାରିଆ ଭାବେ କୌଣସି ବିଚାର ବିମର୍ଶ ନ କରି ଏକ ପାଖିଆ ଭାବେ ପାରିତ କରି ଦିଆଗଲା। ତେଣୁ, ରାଜ୍ୟ ସରକାର ଏହି କ୍ଷତିକୁ ଭରଣା କରିବା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ଦାବି ରଖିବା ଉଚିତ। ଏହି କ୍ଷତି କୌଣସି ଦଳର ନୁହେଁ, ଏହା ରାଜ୍ୟର କ୍ଷତି। ଓଡିଶା ଲୋକସଭାକୁ ପଠେଇଥିବା ଜନପ୍ରତିନିଧିଙ୍କ ଭୂମିକା ଉପରେ ଏହି ଅଧିନିୟମ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟର ସ୍ୱାର୍ଥ, ଦଳଗତ ରାଜନୀତିରୁ ଉର୍ଦ୍ଧ୍ୱରେ ରହିବା ବାଞ୍ଛନୀୟ।

ବିଧାୟକ, ଆଠଗଡ

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଆଦର୍ଶ ଆଚରଣ ବିଧି

## ବିକ୍ରମ କେଶରୀ ବିଶ୍ୱାଳ

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଉଚ୍ଚ ଶିକ୍ଷା କ୍ଷେତ୍ରକୁ ବିଶେଷ ଓ ବ୍ୟାପକ ଗୁରୁତ୍ୱ ଦେଇଛି। ପର୍ଯ୍ୟାପ୍ତ ବଜେଟ ସହିତ ଅନେକ ଦୂରଦୃଷ୍ଟି ସମ୍ପନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି। ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ନୈତିକ ମୂଲ୍ୟବୋଧ ନିମିତ୍ତ ଆଦର୍ଶ ଆଚରଣ ବିଧି ବ୍ୟବସ୍ଥା ସମ୍ପର୍କରେଯୋଜନା ହୋଇଛି। ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଉଛି ମହାନ ଗୁରୁ-ଶିଷ୍ୟ, ଶିକ୍ଷକ ଛାତ୍ର ସମ୍ପର୍କର ପରିବର୍ତ୍ତିତ ରୂପରେଖ ଓ ସାମାଜିକ ପରିବେଶକୁ ଦୃଷ୍ଟିରେ ରଖି ଶୃଙ୍ଖଳା, ପାରସ୍ପରିକ ସମ୍ମାନ, ଶୈକ୍ଷିକ ସାଧୁତା ଓ ଶିକ୍ଷାନୁଷ୍ଠାନ ପରିସରରେ ଏକ ଅନୁକୂଳ ଶିକ୍ଷାଦାନ ପରିବେଶ ସୃଷ୍ଟି କରିବା ପାଇଁ ଅଧ୍ୟାପକ/ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କ ପାଇଁ ଏହା ଲାଗିବ। ଆଦର୍ଶ ଆଚରଣ ବିଧିକୁ କ୍ୟାମ୍ପସରେ କଡ଼ାକଡ଼ି ପାଳନ, ଶିକ୍ଷାନୁଷ୍ଠାନ ପୁସ୍ତିକା, ନାମ ଲେଖା କିଟ, ଛାତ୍ରଛାତ୍ରୀ ହ୍ୟାଣ୍ଡବୁକ ଓ ଅଫିସିଆଲ ୱେବସାଇଟରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଏହି ଆଚରଣ ବିଧିକୁ ସାମିଲ କରିବେ। ଏହାକୁ ଅତ୍ୟନ୍ତ ନିଷ୍ଠାପର, ଯୋଜନାବଦ୍ଧ ଓ ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରହଣ କରି ଲାଗୁ କରିବାକୁ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟ, ସରକାରୀ ଓ ବେସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷକ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିର୍ଦ୍ଦେଶିତ କରାଯାଇଛି।

ଆଜିର ବିଦ୍ୟାର୍ଥୀମାନେ ହେଉଛନ୍ତି ଦେଶର ଗୌରବ ଓ ଉଜ୍ଜ୍ୱଳତମ ସମ୍ପତ୍ତି। ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀଙ୍କ ନିୟମିତ ଉପସ୍ଥାନ ବାଧ୍ୟତାମୂଳକ ହୋଇଛି। ଯଦି କୌଣସି ଛାତ୍ରଛାତ୍ରୀ ଅନ୍ୟ କୌଣସି ଅନୁଚିତ କାର୍ଯ୍ୟକଳାପରେ ସଂଶ୍ଲିଷ୍ଟ ଥାନ୍ତି ଓ ବିଦ୍ୟାଳୟ ନିମିତ୍ତ ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଛାତ୍ରଛାତ୍ରୀମାନେ ନିଜ ଅନୁପସ୍ଥିତି ପାଇଁ ପୂର୍ବରୁ ସମ୍ମତିମୂଳକ ଅନୁମତି ନେବା କିମ୍ବା ଅନୁପସ୍ଥିତିରେ ଯଥୋଚିତ୍ତ କାରଣ ଦର୍ଶାଇବେ। ବିନା ଅନୁମତିରେ ଶିକ୍ଷାନୁଷ୍ଠାନରେ ପ୍ରତିବାଦ, ଆନ୍ଦୋଳନ, ହରତାଳ ଓ ସଭା ସମିତି ଉପରେ କଟକଣା ଲଗାଯାଇଛି। ବାସ୍ତବରେ ଅନେକ ଶିକ୍ଷାନୁଷ୍ଠାନର ମୂଲ୍ୟବାନ ସମୟ ବିଶେଷକରି ଛାତ୍ରଛାତ୍ରୀଙ୍କ ପାଇଁ ହିଁ ଅକାରଣରେ ନଷ୍ଟ ହୋଇଯାଏ। ସେହିପରି କୌଣସି ଛାତ୍ରଛାତ୍ରୀ ହିଂସାତ୍ମକ କାର୍ଯ୍ୟକାଳପରେ ସଂଶ୍ଳିଷ୍ଟ ଥିବା ପ୍ରମାଣିତ ହୁଏ ତେବେ ନିକଟସ୍ଥ ପୁଲିସ ଥାନାକୁ ସୂଚନା ଦିଆଯିବା ସହ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ। ସେହିପରି ଶିକ୍ଷାନୁଷ୍ଠାନର ସମ୍ପତ୍ତି ନଷ୍ଟ କଲେ ନଷ୍ଟ କରିଥିବା ପିଲାମାନଙ୍କ ଠାରୁ କ୍ଷତି ପୂରଣ ଆଦାୟ କରାଯିବ। କ୍ଷତିପୂରଣ ଦେବାରେ ବିଫଳ ହେଲେ କିମ୍ବା ନିୟମିତ ଭାବେ ବିଶୃଙ୍ଖଳା, କ୍ୟାମ୍ପସରେ ଶାନ୍ତି ବ୍ୟାହାତ କଲେ ବିଦ୍ୟାର୍ଥୀଙ୍କୁ ସାମହିକ ବା ସ୍ଥାୟୀ ଭାବେ ବହିଷ୍କାର କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କ୍ୟାମ୍ପସ ପରିସରରେ ଅଶୀଳ ଇଙ୍ଗିତ କିମ୍ବା ଯୌନ ଉତ୍ପୀଡ଼ନ ସମ୍ପର୍କିତ କୌଣସି ଆଚରଣକୁ ଆଦୌ ପ୍ରସୟ ଦିଆଯିବ ନାହିଁ। ଏଭଳି କୌଣସି ଘଟଣା ଘଟିଲେ ପ୍ରାଥମିକ ଭାବରେ ଏହା ସମ୍ପର୍କରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ନଜରକୁ ଅଣାଯିବ ଏବଂ କମିଟି ଦ୍ୱାରା ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ପାଇଁ ସେମାନଙ୍କ ଶିକ୍ଷା ବର୍ଷଟି ଯେତିକି ଗୁରୁତ୍ୱପୂର୍ଣ୍ଣ ସେତିକି ସ୍ମରଣୀୟ ଓ ଶିକ୍ଷଣୀୟ। ଶିକ୍ଷାବର୍ଷ ଆରମ୍ଭରେ ସମସ୍ତ ବିଭାଗ ଦ୍ୱାରା ଛାତ୍ରଛାତ୍ରୀ ପରିଚୟ କାର୍ଯ୍ୟକ୍ରୟ ଆୟୋଜିତ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଆଚରଣ, ଶିଷ୍ଟାଚାର ଓ କଣ କରିବେ ଓ ନକରିବେ ସେ ସମ୍ପର୍କରେ ସଚେତନ ହେବେ। ଶିକ୍ଷାନୁଷ୍ଠାନ ଓ ହଷ୍ଟେଲରେ ସମସ୍ତ ପ୍ରକାର ନିଶାଦ୍ରବ୍ୟ ସେବନ ସମ୍ପୂର୍ଣ୍ଣ ନିଷିଦ୍ଧ। ଗୋଷ୍ଠୀ ବିବାଦ, ଅନ୍ୟକୁ ଚିଡ଼ାଇବା, ର୍‍ୟାଗିଂ ଭଳି କାର୍ଯ୍ୟକ୍ରମ ଉପରେ କଠୋର କଟକଣା ଲାଗିଛି। ଛାତ୍ରାବାସ ଅଧୀକ୍ଷକ କିମ୍ବା କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ଅଣଛାତ୍ର କ୍ୟାମ୍ପସକୁ ପ୍ରବେଶ କରିପାରିବେ ନାହିଁ। ସମସ୍ତ ଛାତ୍ରଛାତ୍ରୀ ପରିଚୟ ପତ୍ର ପିନ୍ଧିବା ବାଧ୍ୟତାମୂଳକ। ଅଧ୍ୟାପକ, ଆଧ୍ୟାପିକା ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବେ। ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର, ଧମକ ଦେବା କିମ୍ବା ଯୌନ ଉତ୍ପୀଡ଼ନ ଭଳି ଅସାମାଜିକ କାର୍ଯ୍ୟ ନେଇ ଅଭିଯୋଗ ପ୍ରମାଣିତ ହେଲେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ତ୍ୱରିତ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଶିକ୍ଷା ଓ ପରିଚାଳନାଗତ ପ୍ରସଙ୍ଗର ସମାଧାନ ନିମିତ୍ତ ପ୍ରତି କ୍ୟାମ୍ପସରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବ୍ୟତୀତ, ବିବାଦ ସମାଧାନ କମିଟି ରହିବ। ସେମାନେ ସମ୍ପୂର୍ଣ୍ଣ ନିରପେକ୍ଷ ରହିବେ ଏବଂ କୌଣସି ନିର୍ଦ୍ଦିଷ୍ଟ ଛାତ୍ର ବା ଗୋଷ୍ଠୀଙ୍କ ପ୍ରତି ଏକ ପାକ୍ଷିଆ ନିଷ୍ପତ୍ତି ନେବା ଅନୁଚିତ। ପରୀକ୍ଷା ଭୟ ଆଳ ଦେଖାଇ ଛାତ୍ରଛାତ୍ରୀଙ୍କୁ ବ୍ୟବହାର କରିପାରିବେ ନାହିଁ, ସେମାନଙ୍କ ଆଚରଣ ସନ୍ଦେହର ଉର୍ଦ୍ଧ୍ୱରେ ରହିବା ଆବଶ୍ୟକ। ଯଦି କୌଣସି ବିଦ୍ୟାର୍ଥୀ ଅଧ୍ୟାପକ, ଅଧ୍ୟାପିକାଙ୍କ ବିରୁଦ୍ଧରେ ଅଭିଯୋଗ ରଖନ୍ତି ତେବେ ତୁରନ୍ତ ଦାୟିତ୍ୱରେ ଥିବା ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ଏଥିପାଇଁ ଏକାଡ଼େମିକ ଛୁଟି ନେବେ ତାହା ସହିତ ନିୟମିତ୍ତ ସମୟାନୁବର୍ତ୍ତୀ ରହିବେ। ଯଦି କୌଣସି ପରିସ୍ଥିତିରେ କ୍ୟାମ୍ପସରେ ଛାତ୍ର ଅଶାନ୍ତି କିମ୍ବା ମେଳି ଦେଖାଦିଏ ତେବେ ସେମାନେ ଅଧ୍ୟକ୍ଷଙ୍କୁ ଅବଗତ କରାଇବେ। କ୍ୟାମ୍ପସରେ ଶାନ୍ତି ବଜାୟ ରଖିବା ନିମିତ୍ତ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ, ମହାବିଦ୍ୟାଳୟ ଅଧ୍ୟକ୍ଷମାନେ ପ୍ରାଥମିକତା ଦେବେ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଓ କ୍ୟାମ୍ପସର ପ୍ରତିଟି ଘଟଣା ଉପରେ ତୀକ୍ଷଣ ନଜର ରଖିବେ। ଆଇସିର ମାର୍ଗଦର୍ଶିକାକୁ କଡ଼ା କଡ଼ି ପାଳନ, ଗୋଷ୍ଠୀ ବିବାଦକୁ କ୍ୟାମ୍ପସରେ ସମାଧାନ, ଅସାମାଜିକ ବ୍ୟକ୍ତିଙ୍କ ଅନଧିକୃତ ପ୍ରବେଶ ଉପରେ କଟକଣା, ହଷ୍ଟେଲରେ ରାତ୍ରୀକାଳୀନ ଯାଞ୍ଚ, ନିଶାଦ୍ରବ୍ୟ ସେବନକୁ ସମ୍ପୂର୍ଣ୍ଣ ମନା, ଛାତ୍ରଛାତ୍ରୀଙ୍କ ଅନୁପସ୍ଥିତ ସମ୍ପର୍କରେ ଅଭିଭାବକଙ୍କୁ ମୋବାଇଲ ମାଧ୍ୟମରେ ଅବଗତ କରାଇବା ଏବଂ କ୍ୟାମ୍ପସ ପରିସରର ଚର୍ତୁଦିଗରେ ଚବିଶି ଘଣ୍ଟିଆ ସିସିଟିଭି ଉପରେ ନଜର ରଖିବେ। କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ସଭା କିମ୍ବା ସମାବେଶ କରାଯାଇପାରିବ ନାହିଁ। ସେହିପରି ଶିକ୍ଷାନୁଷ୍ଠାନ ମୁଖ୍ୟ ପ୍ରତି ମାସରେ ଅତିକମରେ ଥରେ ବିଭିନ୍ନ ବିଭାଗ ପରିଦର୍ଶନ କରି ପାଠ୍ୟ ଯୋଜନା ଓ ରେଜିଷ୍ଟର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ଅନେକ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା, ଛାତ୍ରବୃତ୍ତି, ଶିକ୍ଷା, ପ୍ରୋତ୍ସାହନ ପାଇଁ ଯୁବ ଓ ଦକ୍ଷ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ବ୍ୟକ୍ତିନିଷ୍ଠ ଉଦ୍ୟମ ପ୍ରଶଂସନୀୟ। ସର୍ବଭାରତୀୟ ସ୍ତରରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶାର ଅନେକ ଶିକ୍ଷାନୁଷ୍ଠାନ ଅନେକ ମେଧାବୀଙ୍କୁ ସୃଷ୍ଟି କରିଛି। ଯେଉଁମାନେ ଆଜି ଦେଶ ବିଦେଶରେ ନିଜ ନିଜ କ୍ଷେତ୍ରରେ ବେଶ ପ୍ରତିଷ୍ଠିତ ଓ ଓଡ଼ିଶାର ଉଚ୍ଚଶିକ୍ଷାର ଗର୍ବ ଓ ଗୌରବକୁ ବୃଦ୍ଧି କରିଛନ୍ତି।

ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬

# ବଜ୍ର ପରି କବାଟ ଲାଗିଥିଲା ତେଣୁ ବଜ୍ରକବାଟୀ

## ବିକ୍ରମ ମହାପାତ୍ର

ଜାର ବର୍ଷର ସହର, ଇଏ ହେଉଛି କଟକ। ଜଣେ ଯଦି କଟକର ରାସ୍ତା ଦିଗ ଦେଖିବ ପ୍ରାୟତଃ ଏହା ପୂର୍ବରୁ ପଶ୍ଚିମ ମୁହାଁ ହୋଇଛି। ଆଜିର ଯେଉଁ 'ବଜ୍ରକବାଟୀ' ସମ୍ପର୍କରେ ଆଲୋଚନା ହେଉଛି ତାହା ବାସ୍ତବରେ ଏକ ନଦୀ ବନ୍ଧ ବ୍ୟବସ୍ଥା। ସହର ଭିତରକୁ ବନ୍ୟା ଜଳ ଯେପରି ପ୍ରବେଶ ନକରିବ ସେଇଥିପାଇଁ ଏ ବଜ୍ରକବାଟୀରେ ହିଁ ପଥରୋଧର ବ୍ୟବସ୍ଥା ହୋଇଥିଲା। ୧୯୫୭ ଖ୍ରୀଷ୍ଟାବ୍ଦରେ 'ସିଭିକ ସର୍ଭେ ଅଫ କଟକ' ପୃଷ୍ଠା-୨୨ରେ ତଥ୍ୟ ଉଲ୍ଲେଖିତ ରହିଛି। କେହି କେହି ଆଲୋଚନା ରଖନ୍ତି ଯେ 'ବଜ୍ର ନାମକ ଜନୈକ ବ୍ୟକ୍ତି ଏହି ବନ୍ଧ ଓ କବାଟ ଖୋଲିବା ଦାୟିତ୍ୱରେ ଥିବା ହେତୁ ଏହାର ନାମ ବଜ୍ରକବାଟୀ'।

ସହରର ପ୍ରମୁଖ ଛକ ବଜ୍ରକବାଟୀ। ଦୋଳମୁଣ୍ଡାଇ ଠାରୁ ରାଣୀହାଟ ପର୍ଯ୍ୟନ୍ତ ଅଞ୍ଚଳକୁ ବଜ୍ରକବାଟୀ ରୋଡ଼ କୁହାଯାଉଛି। ଏହି ଅଞ୍ଚଳରେ ସହରରେ କିଛି ଗୁରୁତ୍ୱପୂର୍ଣ୍ଣ ବ୍ୟାବସାୟିକ ପ୍ରତିଷ୍ଠାନ, କାର୍ଯ୍ୟାଳୟ ରହିଥିବାରୁ ଏହାର ଗୁରୁତ୍ୱ ବୃଦ୍ଧି ପାଇଛି। ସବୁବେଳେ ଏହି ଅଞ୍ଚଳ ଜନାଜୀର୍ଣ୍ଣ ରହୁଛି। ଏହା ବ୍ୟତୀତ ଏହାକୁ ଲାଗି ରହିଛି ଏକ ଦୀର୍ଘ କେନାଲ ରୋଡ଼। ରୋଡ଼ର ଗୋଟେ ପାଖରେ ମାଳି ସାହି ଓ ଅନ୍ୟ ପାର୍ଶ୍ୱରେ ରହିଛି ସାଆନ୍ତ ସାହି। ବଜ୍ରକବାଟୀ ପୋଲ ଏହାର ସୀମାରେଖା ହୋଇ ରହିଛି। ବଜ୍ରକବାଟୀ ନାଁ ଆଜି ନୁହେଁ ବହୁ ପୁରାକାଳରୁ ରହିଛି। ତେବେ ଏହାର ଏପରି ନାମକରଣ ପଛରେ ରହିଛି କିଛି ଲୋକ କଥା ଓ କିମ୍ବଦନ୍ତୀ। କୁହାଯାଏ ସେତେବେଳେ କଟକ ସହର ଏତେ ବିସ୍ତୃତ ନଥିଲା। ଏବେ କାର ବାଦାମବାଡ଼ି, ହରିପୁର ରୋଡ଼ ଜନାଜୀର୍ଣ୍ଣ ନଥିଲା। କାଁ ଭାଁ ଟା ଜଳଖିଆ ଦୋକାନ ଗୋଟେ ଦୁଇଟା ଥିଲା। ରିଂବନ୍ଧ ନଥିବାରୁ କାଠଯୋଡ଼ି ପାଣି ସହର ଭିତରକୁ ପଶୁଥିଲା। ଫଳରେ ପ୍ରତିବର୍ଷ ସହରର ବନ୍ୟା ହେଉଥିଲା। ଏହାକୁ ରୋକିବା ଦିଗରେ କିଛି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇନଥିଲା। ଏଠାରେ ରହିଥିବା ଏକ ନାଳ ବାଟ ଦେଇ ପାଣି ସହର ଭିତରକୁ ପଶୁଥିଲା। ତେଣୁ ବନ୍ୟାକୁ ରୋକିବା ପାଇଁ ଏବେ କାର ବଜ୍ରକବାଟୀ ପୋଲ ନିକଟରେ ଲୁହାରେ ତିଆରି ଏକ ଶକ୍ତ କବାଟ ଲାଗିଥିଲା। ସେତେବେଳେ ଏହା ବନ୍ୟାଜଳକୁ ପ୍ରତିରୋଧ କରୁଥିଲା। ସେହି କବାଟ ଦୀର୍ଘଦିନ ଧରି ଲାଗିଥିଲା। ତେବେ ଏହାକୁ କେବେ ଅପସାରଣ କରାଗଲା ତାହା ଜଣାପଡ଼େ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ସଂଜୟ ପ୍ରସାଦ ସାମନ୍ତରାୟ କହନ୍ତି।

ତେବେ ଏହି ଅଞ୍ଚଳର କିଛି ପୁରୁଖା ଲୋକ କବାଟ ଦେଇଥିବା କଥା ସେ କହନ୍ତି। ବଜ୍ରଭଳି ଥିବା ଏକ ଶକ୍ତ କବାଟକୁ ଲୋକେ ବଜ୍ରକବାଟ ବୋଲି କହିବାକୁ ଲାଗିଲେ। ପରବର୍ତ୍ତୀ କାଳରେ ବଜ୍ରକବାଟୀ ବୋଲି କୁହାଗଲା। କିଛି ଲୋକ ଏହାକୁ କାଣ୍ଡନାଳ ବୋଲି କହୁଥିଲେ। ସେତେବେଳେ ଏଠାରେ ଏତେ ଜନବସତି ନଥିଲା। କେବଳ ସାଆନ୍ତ ସାହି ଓ ମାଳି ସାହି ଲୋକେ ଏହି ଅଞ୍ଚଳରେ ରହୁଥିଲେ। ଏହା ଏକ ଖାଲୁଆ ଜାଗା ଓ ନାଳ ଥିବାରୁ ଏ ଅଞ୍ଚଳ ବଣଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଲୋକେ ସଂଜ ହେଲେ ଏହି ବାଟ ଦେଇ ଯାତାୟାତ କରିବାକୁ ଭୟ କରୁଥିଲେ। ମାତ୍ର ଏହି ସ୍ଥାନକୁ ଏବେ ସହରର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବୋଲି ବିବେଚନା କରାଯାଉଛି। ଏଠାରେ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ, ବିଏସଏନଏଲ କଷ୍ଟମର ସର୍ଭିସ ସେଣ୍ଟର, ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟାବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ ଓ ନର୍ସିଂହୋମ ରହିଥିବାରୁ ଅଞ୍ଚଳର ଗୁରୁତ୍ୱ ବୃଦ୍ଧି ପାଇଛି। ଏଠାରେ ଥିବା ମୁଖ୍ୟ ନାଳ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ବଜ୍ରକବାଟୀ ନାଁରେ କରାଯାଇଥିବା ବଜ୍ରକବାଟୀ ରୋଡ଼ ଦିନକୁ ଦିନ ସଂକୀର୍ଣ୍ଣ ହେବାରେ ଲାଗିଛି। ସାଧାରଣତଃ ଏହି ଅଞ୍ଚଳରେ ଟ୍ରାଫିକ ସମସ୍ୟା ଅଧିକ ଦେଖାଦେଇଥାଏ। କିଛି ବଡ଼ ବଡ଼ ପ୍ରତିଷ୍ଠାନ ଗ୍ରାହକ ମାନଙ୍କ ପାଇଁ ସ୍ୱତନ୍ତ୍ର ପାର୍କିଂ ଜୋନ ରଖୁନଥିବାରୁ ଲୋକେ ରାସ୍ତାକଡ଼ରେ ଗାଡ଼ି ରଖନ୍ତି ଟ୍ରାଫିକ ବିପର୍ଯ୍ୟୟ ହୋଇଯାଏ।

ଆଜିର ସମୟକୁ ଦେଖିଲେ ବଜ୍ରକବାଟୀର ଢ଼େର ଗୁରୁତ୍ୱ ବଢ଼ିଛି। ଏହା ଏକ ଚାରିଛକ ଭାବେ ବୁଝାଉଛି। ବାଦାମବାଡ଼ିରୁ ଗୋଟିଏ ପଟ, ଛତ୍ରବଜାରରୁ ଗୋଟିଏ ପଟ, ହରିପୁର ରୋଡ଼ରୁ ଗୋଟିଏ ପଟ ଏବଂ ରାଣୀ ହାଟକୁ ଛୁଇଁଥିବା ଗୋଟିଏ ପଟ ଏହିପରି ଭାବରେ ବଜ୍ରକବାଟୀ ଆଜି ସହରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳର ମାନ୍ୟତା ପାଇଛି। ଦିନକୁ ଦିନ ବଜ୍ରକବାଟୀର କାୟା ବିସ୍ତାର ହେଉଛି ଏବଂ ବଜ୍ରକବାଟୀ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଜଡ଼ିତ ରହୁଛି।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ଦୂରଭାଷ :୯୪୩୭୦୨୧୬୧୫



# ହେଟ ସ୍ପିଚ୍ ମାମଲା: ମହୁଆ ମୋଇତ୍ରା ବିରୋଧରେ ବର୍ଷିଲେ ସର୍ବରୀ

**ନୂଆଦିଲ୍ଲୀ,୨୦।୮(ଏଜେନ୍ସି):** ହେଟ ସ୍ପିଚ୍ ମାମଲାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଂସଦ ମହୁଆ ମୋଇତ୍ରାଙ୍କ ବିରୋଧରେ ଗିରଫ ପରଓ୍ୱାନା ଜାରି ହୋଇଛି। ପଶ୍ଚିମବଙ୍ଗ ନଦିଆ ଜିଲ୍ଲାର ଏକ ଅଦାଲତ ବୁଧବାର ଗିରଫ ପରଓ୍ୱାନା ଜାରି କରିବା ପରେ ମହୁଆ ମୋଇତ୍ରାଙ୍କ ବିରୋଧରେ ବର୍ଷିଛନ୍ତି ବିଜେପି ବିଧାୟିକା ସର୍ବରୀ ମୁଖାର୍ଜୀ।ସର୍ବରୀ ମୁଖାର୍ଜୀ କହିଛନ୍ତି; ସେ(ମହୁଆ) ଜଣେ ମହିଳା ହୋଇ ସବୁବେଳେ ଅଶ୍ଳୀଳ ଭାଷା ବ୍ୟବହାର କରନ୍ତି। ସେ ଯାହା କହିଥିଲେ, ସରକାର କ'ଣ ଭୁଲି ଯାଇଛନ୍ତି ମହୁଆ ଆମ ଗୃହମନ୍ତ୍ରୀଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବିଷୟରେ ମଧ୍ୟ ଆପତ୍ତିଜନକ କଥା କହିଛନ୍ତି। ବିଜେପି କର୍ମୀ ଓ ନେତାମାନଙ୍କ ବିଷୟରେ ସେ କ'ଣ କହିଛନ୍ତି, ତାହା ସମସ୍ତେ ଜାଣନ୍ତି। ସରକାର ବଦଳିଗଲା ପରେ ସବୁ କିଛି ଭୁଲିଯିବ ବୋଲି ସେ ଭାବିଥିବେ। କିନ୍ତୁ ସେମିତି ହେବ ନାହିଁ।ସେ କହିଛନ୍ତି; ମହୁଆଙ୍କୁ କୋର୍ଟ ବାରମ୍ବାର ସମନ କରିଥିଲେ। କିନ୍ତୁ ସେ କୋର୍ଟକୁ ସମ୍ମାନ ଦେଲେ ନାହିଁ। କୋର୍ଟ ଆଗରେ ହାଜର ହେଲେନାହିଁ। ତେଣୁ ଆଉ କୌଣସି ବିକଳ୍ପ ନଥିବାରୁ କୋର୍ଟ ଏଇ ପଦକ୍ଷେପ ନେବା ଜରୁରୀ ମନେକଲେ। ଟିଏମ୍‌ସି ନେତାମାନେ ଯେଉଁ ସବୁ ପାପ କରିଛନ୍ତି, ତା' ପାଇଁ ସେମାନଙ୍କୁ ଦଣ୍ଡ ମିଳିବା ଉଚିତ। ଆଇନ ଉପରେ କେହି ନୁହନ୍ତି।ତୃଣମୂଳ କଂଗ୍ରେସ(ଟିଏମ୍‌ସି) ସାଂସଦ ମହୁଆ ମୋଇତ୍ରାଙ୍କ ଅଡୁଆ ବଢିଲା। ହେଟ୍ ସ୍ପିଚ୍ ମାମଲାରେ ପଶ୍ଚିମବଙ୍ଗର ନଦିଆ ଜିଲ୍ଲାର ଏକ ଅଦାଲତ ବୁଧବାର ତାଙ୍କ ବିରୋଧରେ ଗିରଫ ପରଓ୍ୱାନା ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଟ୍ ସ୍ପିଚ୍ ମାମଲାରେ ଅଦାଲତରେ ହାଜର ହେବା ପାଇଁ ଦିଆଯାଇଥିବା ନିର୍ଦ୍ଦେଶକୁ ପାଳନ ନକରିବାରୁ ଏହି ଆଦେଶ ଦିଆଯାଇଥିବା ଜଣାପଡିଛି।କୃଷ୍ଣନଗର କୋର୍ଟ ରାୟରେ କହିଛନ୍ତି; ମହୁଆ ମୋଇତ୍ରାଙ୍କ ବିରୋଧରେ ଜାରି ହୋଇଥିବା ଗିରଫ ପରଓ୍ୱାନା ଉପରେ ନିଆଯାଇଥିବା ପଦକ୍ଷେପର ରିପୋର୍ଟ ଅଗଷ୍ଟ ୨୮ ତାରିଖରେ କୋର୍ଟରେ ଦାଖଲ କରାଯିବ। ମହିଳାଙ୍କୁ ଅପମାନ କରିବା ଓ ଘୃଣା ସୃଷ୍ଟିକାରୀ ଭାଷଣ ଦେବା ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏଥିପାଇଁ କୋର୍ଟ ତାଙ୍କୁ ସମନ୍ ଜାରି କରିଥିଲେ।

# ଏଆଇ ଟିକସ ଲଗାଇବାକୁ ରଘୁରାମ ରାଜନଙ୍କ ପ୍ରସ୍ତାବ

**ନୂଆଦିଲ୍ଲୀ,୨୦।୮(ଏଜେନ୍ସି):** ମଣିଷ କରୁଥିବା କାମକୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଜରିଆରେ କରୁଥିବା କମ୍ପାନିଗୁଡିକ ଉପରେ ସ୍ୱତନ୍ତ୍ର ଏଆଇ ଟିକସ ଲଗାଇବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ପ୍ରସ୍ତାବ ଦେଇଛନ୍ତି। ଏକ ନିବନ୍ଧରେ ସେ ଲେଖିଛନ୍ତି ଯେ ଏଆଇ ବ୍ୟବହାର କରି କର୍ମଚାରୀ ଛଟେଇ କରୁଥିବା କମ୍ପାନିଗୁଡିକ ଉପରେ ଟିକସ ଲଗାଯାଉ ଏବଂ ଯେଉଁ ସଂସ୍ଥାଗୁଡିକ ନିଜ ପୁରୁଣା କର୍ମଚାରୀଙ୍କୁ ରଖିବାକୁ ଚାହୁଁଛନ୍ତି ସେମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ।ରାଜନ କହିଛନ୍ତି ଯେ ବିଭିନ୍ନ ଦେଶ ଏଆଇ ଉପରେ ପ୍ରଥମେ ଅଳ୍ପ ପରିମାଣର ଟିକସରୁ ଆରମ୍ଭ କରିପାରିବେ। ନିଜ ଦେଶରେ ନିଯୁକ୍ତିକୁ ଏଆଇ କିଭଳି ପ୍ରଭାବିତ କରୁଛି ତାହା ଭଲ ଭାବେ ବୁଝିଯିବା ପରେ ସେହି ଅନୁସାରେ ଟିକସ ବଢାଇପାରିବେ। ବିଦେଶୀ ଏଆଇ କମ୍ପାନିଗୁଡିକୁ ଟିକସ ବ୍ୟବସ୍ଥାରେ ସାମିଲ କରିବାକୁ ମଧ୍ୟ ସେ ପ୍ରସ୍ତାବ ଦେଇଛନ୍ତି। ରାଜନ କହିଛନ୍ତି ଯେ ଏଆଇ ପାଇଁ ଲୋକମାନେ ଚାକିରି ହରାଇବା ନିଶ୍ଚିତ। କିନ୍ତୁ ତାହା କେତେ ଶୀଘ୍ର ଓ କେତେ ପରିମାଣରେ ହେବ ତାହା କେହି ଜାଣିନାହାନ୍ତି। କେଉଁ କ୍ଷେତ୍ରକୁ ତାହା ସର୍ବାଧିକ ପ୍ରଭାବିତ କରିବ ତାହା ମଧ୍ୟ ଜଣାନାହିଁ। ସଂସ୍ଥାଗୁଡିକ ଯେଉଁ ଗତିରେ ଏଆଇ ବ୍ୟବହାର କରିବେ, ସେହି ଅନୁସାରେ ନିଯୁକ୍ତି ବଜାର ଉପରେ



ତାହାର ପ୍ରଭାବ ରହିବ ବୋଲି ସେ କହିଛନ୍ତି।ରାଜନ ସ୍ପଷ୍ଟ କରିଛନ୍ତି ଯେ ଏହି ପ୍ରସ୍ତାବର ଉଦ୍ଦେଶ୍ୟ ଏଆଇ ବ୍ୟବହାରକୁ ଅଟକାଇବା ନୁହେଁ। ବର୍ତ୍ତମାନ ସମୟରେ ଟିକସ ରାଜସ୍ୱ ସଂଗ୍ରହ କରିବା ବିଭିନ୍ନ ଦେଶର ସରକାରମାନଙ୍କ ଲାଗି କଷ୍ଟକର ହୋଇପଡିଛି। ଏଆଇ ଉପରେ ଟିକସ ଲଗାଇ ସେମାନେ ନିଜ ରାଜକୋଷ ଭର୍ତ୍ତି କରିପାରିବେ। ଏହି ଟିକସ ପଛରେ ରାଜନଙ୍କ ଯୁକ୍ତି ହେଉଛି ଯେତେବେଳେ ଏକ ସଂସ୍ଥା ଜଣେ ବ୍ୟକ୍ତିଙ୍କୁ ଚାକିରି ଦିଏ ତାହା ତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଥାଏ। ସାମାଜିକ ସୁରକ୍ଷାଠାରୁ ଆରମ୍ଭ କରି ଅନ୍ୟାନ୍ୟ ନିଯୁକ୍ତି ସମ୍ପର୍କିତ ଖର୍ଚ୍ଚ ଭରଣା କରିଥାଏ। କିନ୍ତୁ ଯେତେବେଳେ ସେହି ସଂସ୍ଥା ଏଆଇ ବ୍ୟବହାର କରୁଛି, ତାହା ସେଭଳି କୌଣସି ଅର୍ଥ ଖର୍ଚ୍ଚ କରୁନାହିଁ।ଆମେରିକାର ଏକ ଅଧ୍ୟୟନ ଉପରେ ଆଲୋକପାତ କରି ରାଜନ କହିଛନ୍ତି ଯେ ୨୦ରୁ ଅଧିକ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିବା ମାତ୍ର ୨୦ ପ୍ରତିଶତ ସଂସ୍ଥା ଏଆଇ ବ୍ୟବହାର କରୁଛନ୍ତି। ଅତିକମ୍‌ରେ ୨୫୦ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିବା ମାତ୍ର ୩୭ ପ୍ରତିଶତ ସଂସ୍ଥା ଏଆଇ ମୂଲ୍ୟାୟନ କରିଛନ୍ତି। ଅଧିକାଂଶ ସଂସ୍ଥା ଏଆଇ ଜନିତ ଲାଭର ପରୀକ୍ଷଣ କରୁଛନ୍ତି। ତାହା ମୂଲ୍ୟାୟନ କଲେ କେତେ ଖର୍ଚ୍ଚ ହେବ ଓ କଣ ଲାଭ ମିଳିବ ତାହାକୁ ସେମାନେ ପରଖୁଛନ୍ତି।

# ରାହୁଲ ଗାନ୍ଧୀଙ୍କୁ ନେଇ ବଡ ବୟାନ ଦେଲେ ଶହଜାଦ ପୁନାୱାଲା

**ନୂଆଦିଲ୍ଲୀ,୨୦।୮(ଏଜେନ୍ସି):** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ନେଇ ବଡ ବୟାନ ଦେଇଛନ୍ତି ବିଜେପିର ପୂର୍ବତନ ପ୍ରବକ୍ତା ଶହଜାଦ ପୁନାୱାଲା। ଆଜି ସେ କହିଛନ୍ତି; ରାହୁଲ ଗାନ୍ଧୀ କେବେ ବି ଭାରତର ପ୍ରଧାନମନ୍ତ୍ରୀ ହେବେ ନାହିଁ। ଯାହାକୁ ନେଇ କଂଗ୍ରେସ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। ଶହଜାଦ ପୁନାୱାଲା ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି, "ଯେ ପର୍ଯ୍ୟନ୍ତ ମୁଁ ଜୀବିତ ଅଛି, ରାହୁଲ ଗାନ୍ଧୀ କେବେ ବି ଭାରତର ପ୍ରଧାନମନ୍ତ୍ରୀ ହେବେନାହିଁ।"ଶହଜାଦ ପୁନାୱାଲା ଏକ ସୋସିଆଲ ମିଡିଆ ପୋଷ୍ଟର ଜବାବରେ ଏହି ଟିପ୍ପଣୀ ଦେଇଛନ୍ତି। ସେହି ପୋଷ୍ଟରେ ଲେଖାଯାଇଥିଲା ଯେ, "ଶହଜାଦ ପୁନାୱାଲା ଏବେ ମଧ୍ୟ ସବୁ ଦିଗରୁ କଂଗ୍ରେସକୁ କ୍ଷତି ପହଞ୍ଚାଉଛନ୍ତି।" ବିଜେପିରୁ ତାଙ୍କ ଇସ୍ତଫା ପରେ ଏହି ବୟାନ ଆସିଥିବାରୁ ରାହୁଲ ଗାନ୍ଧୀ ଓ କଂଗ୍ରେସକୁ ନେଇ ତାଙ୍କ ରାଜନୈତିକ ଭୂମିକା ଉପରେ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି।'ମୁଁ ରାଜୀବ ଗାନ୍ଧୀଙ୍କ ପ୍ରତି ସବୁବେଳେ ଋଣୀ ରହିବି': "କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି ଶହଜାଦ ପୁନାୱାଲା କହିଛନ୍ତି, "ମୁଁ ରାଜୀବ ଗାନ୍ଧୀଜୀଙ୍କ ପ୍ରତି ସବୁବେଳେ ଋଣୀ ରହିବି। ସେ ଆମକୁ ରାହୁଲ ଗାନ୍ଧୀ ଦେଇଛନ୍ତି, ଯିଏ ନିଶ୍ଚିତ କରିଛନ୍ତି ଯେ ନରେନ୍ଦ୍ର ମୋଦୀ ୨୦୧୪, ୨୦୧୯, ୨୦୨୪ ଓ ୨୦୨୯ରେ ପ୍ରଧାନମନ୍ତ୍ରୀ ହେବେ। ଇନ୍‌ଶାଆଲ୍ଲାହ, ତେଣୁ ରାଜୀବ ଗାନ୍ଧୀଜୀ ମଧ୍ୟ ମୋ' ଭଳି ମୋଦୀଜୀଙ୍କର ସବୁଠାରୁ ବଡ଼ ସମର୍ଥକ।"ଶହଜାଦ ପୁନାୱାଲା ୨୦୦୮ରେ କଂଗ୍ରେସରୁ ନିଜର ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ। ସେତେବେଳେ ସେ ଛାତ୍ର ଥିଲେ। ସେ କଂଗ୍ରେସର ଛାତ୍ର ସଂଗଠନ ନ୍ୟାସନାଲ୍ ଷ୍ଟୁଡେଣ୍ଟ ୟୁନିଅନ୍ ଅଫ୍ ଇଣ୍ଡିଆର ପୁଣେ ୟୁନିଟ୍‌ର ଉପାଧ୍ୟକ୍ଷ ଓ ମହାରାଷ୍ଟ୍ର ପ୍ରଦେଶ କଂଗ୍ରେସ କମିଟିର ସଚିବ ଭାବେ କାମ କରିଥିଲେ। ତେବେ ୨୦୧୭ରେ ସେ କଂଗ୍ରେସ ସହ ସମ୍ପର୍କ ଛିନ୍ନ କରିଥିଲେ। ସେହି ବର୍ଷ ବିଜେପିରେ ଯୋଗ ଦେଇଥିଲେ।

# କଂଗ୍ରେସର ପୂର୍ବତନ ସାଂସଦଙ୍କ ପରଲୋକ

**ନୂଆଦିଲ୍ଲୀ,୨୦।୮(ଏଜେନ୍ସି):** କଂଗ୍ରେସର ପୂର୍ବତନ ନେତା ତଥା ପୂର୍ବତନ ସାଂସଦ ସଜ୍ଜନ କୁମାରଙ୍କର ୮୪ ବର୍ଷ ବୟସରେ ପରଲୋକ ଘଟିଛି । ୧୯୮୪ ମସିହାର ଶିଖ ବିରୋଧୀ ଦଙ୍ଗା ମାମଲାରେ ସେ ଦିଲ୍ଲୀର ତିହାର ଜେଲରେ ଆଜୀବନ କାରାଦଣ୍ଡ କାଟୁଥିଲେ । ରିପୋର୍ଟ ଅନୁସାରେ, ତାଙ୍କୁ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲକୁ ମୃତ ଅବସ୍ଥାରେ ଅଣାଯାଇଥିଲା ।୧୯୮୪ ଶିଖ ବିରୋଧୀ ଦଙ୍ଗା ସହ ଜଡ଼ିତ ଏକ ହତ୍ୟା ମାମଲାରେ ଦିଲ୍ଲୀ ହାଇକୋର୍ଟ ୨୦୧୮ ଡିସେମ୍ବର ୧୭ରେ ସଜ୍ଜନ କୁମାରଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଥିଲେ । ଏହି ରାୟକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । କିନ୍ତୁ ସେଠାରୁ ମଧ୍ୟ ତାଙ୍କୁ ଆଶ୍ୱସ୍ତି ମିଳିନଥିଲା । ୨୦୨୨ ଏପ୍ରିଲ ୨୭ରେ ଦଙ୍ଗା ସମ୍ପର୍କିତ ଅନ୍ୟ ଏକ ମାମଲାରେ ସଜ୍ଜନ କୁମାରଙ୍କୁ ଜାମିନ ମିଳିଥିଲା । ତେବେ ଅନ୍ୟ ଏକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସେ ଜେଲରୁ ବାହାରି ପାରିନଥିଲେ। ପ୍ରାୟ ୭ ବର୍ଷ ଧରି ସେ ତିହାର ଜେଲରେ ବନ୍ଦୀ ଥିଲେ ।୨୦୨୬ ଏପ୍ରିଲରେ ଅସୁସ୍ଥ ପତ୍ନୀଙ୍କୁ ଭେଟିବା ପାଇଁ ସଜ୍ଜନ କୁମାର ସୁପ୍ରିମକୋର୍ଟରେ ଜାମିନ ଆବେଦନ କରିଥିଲେ । ତେବେ କୋର୍ଟ ତାଙ୍କୁ ଜାମିନ ଦେବାକୁ ମନା କରିଥିଲେ । ୧୯୮୪ର ଶିଖ ବିରୋଧୀ ଦଙ୍ଗା ସମୟରେ ଜସୱନ୍ତ ସିଂହ ଓ ତାଙ୍କ ପୁଅ ତରୁଣଦୀପ ସିଂହଙ୍କ ହତ୍ୟା ମାମଲାରେ ସଜ୍ଜନ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ହିଂସା ସମୟରେ ଜସୱନ୍ତ ସିଂହ ଓ ତାଙ୍କ ପରିବାରକୁ ଟାର୍ଗେଟ୍ କରିବା ପାଇଁ ଭିଡ଼କୁ ଉସକାଇଥିବା ଅଭିଯୋଗରେ ମଧ୍ୟ ସେ ଦୋଷୀ ହୋଇଥିଲେ । ସୂଚନା ଯୋଗ୍ୟ ଯେ ସଜ୍ଜନ କୁମାର ତିନିଥର ସାଂସଦ ରହିଥିଲେ । ଦଙ୍ଗା ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ସେ କଂଗ୍ରେସର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଥିଲେ ।

## ହେମନ୍ତ ସୋରେନ ସରକାରଙ୍କୁ ହାଇକୋର୍ଟ ଝଟକା

# ଜେପିଏସସି ପରୀକ୍ଷା ରଦ୍ଦ ନିଷ୍ପତ୍ତି ଉପରେ ଲଗାଇଲେ ରୋକ୍

**ନୂଆଦିଲ୍ଲୀ,୨୦।୮(ଏଜେନ୍ସି):** ଝାଡ଼ଖଣ୍ଡ ହାଇକୋର୍ଟ ରାଜ୍ୟର ହେମନ୍ତ ସୋରେନ ସରକାରଙ୍କୁ ବଡ଼ ଝଟକା ଦେଇଛନ୍ତି । ଜେପିଏସସି ପରୀକ୍ଷା ରଦ୍ଦ ନେଇ ସରକାରଙ୍କ ଆଦେଶ ଉପରେ ରୋକ୍ ଲଗାଇଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ପରେ ଏବେ ପୂରା ସ୍ଥିତି ବଦଳି ଯାଇଛି । ଝାଡ଼ଖଣ୍ଡ ହାଇକୋର୍ଟ ଜେପିଏସସିର ୧୧ତମରୁ ୧୩ତମ ପରୀକ୍ଷା ଏବଂ ଖାଦ୍ୟ ସୁରକ୍ଷା ଅଫିସର ପରୀକ୍ଷା ସହ ଜଡ଼ିତ ମାମଲାରେ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି । ହାଇକୋର୍ଟ ଉଭୟ ପରୀକ୍ଷାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ଆଦେଶ ଉପରେ ତତ୍କାଳ ପ୍ରଭାବରୁ ରୋକ୍ ଲଗାଇଛନ୍ତି ।କୋର୍ଟ ରାଜ୍ୟ ସରକାରଙ୍କୁ ୧୫ ଦିନ ମଧ୍ୟରେ



ପାଲଟା ସତ୍ୟପାଠ ସହିତ ତାଙ୍କର ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିଷ୍ପତ୍ତି ଉଭୟ ପରୀକ୍ଷା ମାମଲାର ଆବେଦନକାରୀଙ୍କୁ ତୁରନ୍ତ ନିଯୁକ୍ତି ମିଳିବାର ପଥ ପରିଷ୍କାର କରିଛି । ଶୁଣାଣି ସମୟରେ, ହାଇକୋର୍ଟ ଉଭୟ ପରୀକ୍ଷାକୁ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି । ସରକାରଙ୍କୁ ଏବେ କୋର୍ଟ ସମ୍ମୁଖରେ ନିଜର ପକ୍ଷ ଏବଂ ଦସ୍ତାବିଜ ଉପସ୍ଥାପନ କରିବାକୁ ପଡିବ ।ଉଲ୍ଲେଖନୀୟ ଯେ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗକୁ ନେଇ ଝାଡ଼ଖଣ୍ଡରେ ୨୬ ଦିନ ଧରି ଚାଲିଥିବା ପ୍ରତିବାଦକୁ ବୁଧବାର ଅସ୍ଥାୟୀ ଭାବରେ ସ୍ଥଗିତ ରଖାଯାଇଛି । ଆନ୍ଦୋଳନକାରୀ ସହ ଅନେକ ପର୍ଯ୍ୟାୟ ଆଲୋଚନା ପରେ, ସରକାର ୨୦୧୪ ମସିହାରୁ ଝାଡ଼ଖଣ୍ଡ ପବ୍ଲିକ୍ ସର୍ଭିସ୍ କମିଶନ, ଝାଡ଼ଖଣ୍ଡ ଷ୍ଟାଫ୍ ସିଲେକ୍ସନ୍ କମିଶନ ଏବଂ ଏକ ଆଉଟସୋର୍ସଡ୍ ଏଜେନ୍ସି ଦ୍ୱାରା ପରିଚାଳିତ ୨୨ଟି ନିଯୁକ୍ତି ପରୀକ୍ଷାକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ସହିତ ଅନ୍ୟ ୨୩ଟି ପରୀକ୍ଷାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ।କିନ୍ତୁ ସରକାରଙ୍କ ଏହି ନିଷ୍ପତ୍ତି ଏକ ନୂତନ ବିବାଦ ମଧ୍ୟ ସୃଷ୍ଟି କରିଛି । ପ୍ରାୟ ୨ ହଜାର ସଫଳ ପ୍ରାର୍ଥୀ, ମୁଖ୍ୟତଃ ଜେଏସଏସସି ସିଜିଏଲ୍ ମାଧ୍ୟମରେ ସରକାରୀ ଚାକିରି ପାଇଥିବା ପ୍ରାର୍ଥୀ ପରୀକ୍ଷା ବାତିଲକୁ ବିରୋଧ କରୁଛନ୍ତି । ଏହି ପ୍ରାର୍ଥୀମାନେ କହିଛନ୍ତି ଯେ ସେମାନେ ସେମାନଙ୍କର କଠିନ ପରିଶ୍ରମ ଏବଂ ଯୋଗ୍ୟତା ଆଧାରରେ ଚାକିରି ପାଇଥିଲେ । ଯଦି ପରୀକ୍ଷା ସମୟରେ କୌଣସି ଅନିୟମିତତା ଘଟିଛି, ତେବେ ଦୋଷୀ ପ୍ରାର୍ଥୀ ଏବଂ ଦାୟୀ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର । କିନ୍ତୁ ସମସ୍ତ ସଫଳ ପ୍ରାର୍ଥୀଙ୍କୁ କାହିଁକି ଏହାର ପରିଣାମ ଭୋଗିବାକୁ ପଡ଼ିବ ।ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଅନେକ ସଫଳ ପ୍ରାର୍ଥୀ ଝାଡ଼ଖଣ୍ଡ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ସେମାନେ ଦାବି କରିଛନ୍ତି ଯେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ସେମାନଙ୍କୁ ନିଯୁକ୍ତି ଦିଆଯାଇଛି, ଏବଂ ଅନେକ ବିଭିନ୍ନ ସରକାରୀ ବିଭାଗରେ କାମ କରିବା ଆରମ୍ଭ କରିସାରିଛନ୍ତି । ସେମାନଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ଜେପିଏସସିର ଏକାଦଶରୁ ତ୍ରୟୋଦଶ ଶ୍ରେଣୀ ପରୀକ୍ଷା ଏବଂ ଖାଦ୍ୟ ସୁରକ୍ଷା ଅଧିକାରୀ ପରୀକ୍ଷା ବାତିଲ କରିବା ପାଇଁ ସରକାରଙ୍କ ନିଷ୍ପତ୍ତି ଉପରେ ସ୍ଥଗିତାଦେଶ ଲଗାଇଛନ୍ତି ।

## 'ବନ୍ଦେ ମାତରମ୍' ବିବାଦ

# ସୋନିଆ-ରାହୁଲଙ୍କୁ ଘେରିଲେ ଶାହ

**ନୂଆଦିଲ୍ଲୀ,୨୦।୮(ଏଜେନ୍ସି):** ସମସ୍ତ କାର୍ଯ୍ୟକ୍ରମରେ 'ବନ୍ଦେ ମାତରମ୍' ସଂଗୀତର କେବଳ ପ୍ରଥମ ଦୁଇଟି ପଦ ଗାନ କରିବାକୁ କଂଗ୍ରେସ କାର୍ଯ୍ୟକାରିଣୀ କମିଟି (ସିଡବ୍ଲ୍ୟୁସି) ଗ୍ରହଣ କରିଥିବା ନିଷ୍ପତ୍ତିକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ନିଜର ୧୯୩୭ ମସିହାର ପ୍ରସ୍ତାବକୁ ଦୋହରାଇ ପୁନର୍ବାର ରାଜନୀତି କରୁଛି ଏବଂ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କୁ ଅପମାନିତ କରୁଛି ବୋଲି ଶାହ ଅଭିଯୋଗ କରିଛନ୍ତି।



୧୯୩୭ରେ ବନ୍ଦେ ମାତରମକୁ ଦୁଇ ଭାଗରେ ବିଭକ୍ତ କରିବା ହିଁ ପରବର୍ତ୍ତୀ ସମୟରେ ଦେଶ ବିଭାଜନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା ବୋଲି ସେ ଦାବି କରିଛନ୍ତି।ମୋଦୀ ସରକାର ସରକାରୀ କାର୍ଯ୍ୟକ୍ରମଗୁଡ଼ିକରେ ବନ୍ଦେ ମାତରମର ସମ୍ପୂର୍ଣ୍ଣ ୬ଟି ପଦ ଗାନ କରିବା ପାଇଁ ନୂତନ ନିୟମାବଳୀ ଜାରି କରିଥିବା ବେଳେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ସଂସଦର ଆଇନକୁ ପ୍ରତ୍ୟାଖ୍ୟାନ କରୁଛି ବୋଲି ଶାହ କହିଛନ୍ତି। ଅପରପକ୍ଷରେ, କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ଭେଣୁଗୋପାଳ ଏବଂ ଜୟରାମ ରମେଶ ଦଳର ନିଷ୍ପତ୍ତିକୁ ଦୃଢ଼ ସମର୍ଥନ କରିଛନ୍ତି। ୧୯୩୭ ମସିହାରେ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ସରଦାର ପଟେଲ, ସୁଭାଷ ଚନ୍ଦ୍ର ବୋଷ ଏବଂ ରବୀନ୍ଦ୍ରନାଥ ଠାକୁରଙ୍କ ସମ୍ମତିରେ ଏହି ନିଷ୍ପତ୍ତି ନିଆଯାଇଥିଲା ବୋଲି କହିବା ସହ ବାସ୍ତବ ପ୍ରସଙ୍ଗରୁ ଧ୍ୟାନ ହଟାଇବାକୁ ବିଜେପି ଏହାକୁ ରାଜନୈତିକ ମୁଦ୍ଦା ବନାଉଛି ବୋଲି କଂଗ୍ରେସ ସଫେଇ ଦେଇଛି।

# ବିଫଳ ହୋଇଥିବା ନୀତି ପୁଣିଥରେ ଲାଗୁ କରିବା ଆମେରିକା ପାଇଁ ପରାଜୟ ଆଣିବ: ତେହରାନ

**ନୂଆଦିଲ୍ଲୀ,୨୦।୮(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ଘୋଷିତ ଆର୍ଥିକ କଟକଣା ଅଭିଯାନ ସଙ୍କଟ ଆଣିବ ବୋଲି କହିଛନ୍ତି। ତେହରାନ ଚେତାବନୀ ଦେଇଛି ଯେ ବିଫଳ ହୋଇଥିବା ନୀତିକୁ ପୁଣିଥରେ ଲାଗୁ କରିବା ଦ୍ୱାରା କେବଳ ଆମେରିକା ପାଇଁ ପରାଜୟ ଆଣିବ। ଇରାନ ବିରୋଧରେ ଟ୍ରମ୍ପଙ୍କ ସଦ୍ୟତମ ମନ୍ତବ୍ୟର ପାଲଟା ଜବାବରେ ତେହେରାନ ଏଭଳି କହିଛି। ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ, ଇରାନର ବୈଦେଶିକ ମନ୍ତ୍ରୀ ସୈୟଦ ଆବାସ୍ ଆରାଘଚି ଆମେରିକା ରାଷ୍ଟ୍ରପତିଙ୍କ ସଦ୍ୟତମ ଘୋଷଣାକୁ ଅର୍ଥନୈତିକ ଆତଙ୍କବାଦ ବୋଲି ବର୍ଣ୍ଣନା କରିଛନ୍ତି। ଆମେରିକାର ଅର୍ଥନୈତିକ ଆତଙ୍କବାଦ ବିଶ୍ୱ ଅର୍ଥନୀତି ଏବଂ ବିଶ୍ୱବ୍ୟାପୀ ସାର୍ବଭୌମତ୍ୱକୁ ବିପଦରେ ପକାଇଛି।

ଇରାନ ମନ୍ତ୍ରୀ ଗଣମାଧ୍ୟମ ରିପୋର୍ଟକୁ ଉଦ୍ଧୃତ କରିଛନ୍ତି ଯାହା ସୂଚାଇଛି ଯେ ଆମେରିକାର ଜାତୀୟ ଋଣ ୪୦ ଟ୍ରିଲିୟନ ଆମେରିକୀୟ ଡଲାର ଛୁଇଁଛି। ରିପୋର୍ଟରେ କୁହାଯାଇଛି ଯେ ରାଷ୍ଟ୍ରପତି ଟ୍ରମ୍ପ ଆର୍ଥିକ କ୍ରମ ପୁନଃସ୍ଥାପିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ତାଙ୍କର ଅନେକ ନୀତି ଋଣ ବୋଝକୁ ବୃଦ୍ଧି କରିଛି।

# ସୁନା ଖଣିରେ ଭୂସ୍ଖଳନ

**ନୂଆଦିଲ୍ଲୀ,୨୦।୮(ଏଜେନ୍ସି):** ମଧ୍ୟ ଆଫ୍ରିକୀୟ ଦେଶରେ ଏକ ବେଆଇନ ସୁନା ଖଣିରେ କାମ କରୁଥିବା ଶହ ଶହ ଶ୍ରମିକ ଭଗ୍ନାବଶେଷ ତଳେ ପୋତି ହୋଇଯାଇଛନ୍ତି। ହଠାତ୍ ଭୂସ୍ଖଳନ ଯୋଗୁଁ ଅତି କମରେ ଘଟଣାସ୍ଥଳରେ ୧୦୦ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ନିଶ୍ଚିତ ହୋଇଛି। ବର୍ତ୍ତମାନ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି।ଉଦ୍ଧାରକାରୀ ଦଳଗୁଡ଼ିକ ଭଗ୍ନାବଶେଷ ତଳେ ଫସି ରହିଥିବା ଲୋକଙ୍କୁ ଯୁଦ୍ଧକାଳୀନଭିତ୍ତିରେ ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି। ଏହି ଘଟଣା ଜାମ୍ବୋୟେ ଖଣି ସାଇଟରେ ଘଟିଛି । ଯାହା ମଧ୍ୟ ଆଫ୍ରିକୀୟ ସହର ବାବୋଆଠାରୁ ପ୍ରାୟ ୫୦ କିଲୋମିଟର ଦୂରରେ ଅବସ୍ଥିତ । ଯେଉଁଠାରେ ଶହ ଶହ ଶ୍ରମିକ ଖଣିରେ ଖୋଲା ଗର୍ତ୍ତରେ କାମ କରୁଥିଲେ।

# ମନନ୍ ମିଶ୍ରାଙ୍କୁ ଝଟ୍‌କା ! ଇସ୍ତଫା ଦାବିରେ ଯୁବ ଓକିଲ

**ନୂଆଦିଲ୍ଲୀ,୨୦।୮(ଏଜେନ୍ସି):** ବାର୍ କାଉନସିଲ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ମନନ୍ ମିଶ୍ରାଙ୍କ ଇସ୍ତଫା ଦାବି ଜୋର୍ ଧରିଛି । ଯୁବ ଆଡଭୋକେଟ୍‌ଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିବାଦ ଡାକରାକୁ କକ୍ରୋଚ୍ ଜନତା ପାର୍ଟି ବା ସିଜେପି ସମର୍ଥନ ଘୋଷଣା କରିଛି । ନୂଆଦିଲ୍ଲୀରେ ଏହାକୁ ନେଇ ରାଜନୈତିକ ଓ ଆଇନଜୀବୀ ମହଲରେ ଚର୍ଚ୍ଚା ବଢ଼ିଛି ।ଅଲ୍ ଇଣ୍ଡିଆ ୟଙ୍ଗ୍ ଆଡଭୋକେଟ୍ସ ଆସୋସିଏସନ୍ ମନନ୍ ମିଶ୍ରାଙ୍କ ଇସ୍ତଫା ଦାବିରେ ପ୍ରତିବାଦ କରିବାକୁ ଘୋଷଣା କରିଛି । ନାଲସାର୍ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ନେଇ ବିସିଆଇ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକୁ ନେଇ ଏହି ବିବାଦର ସୃଷ୍ଟି ହୋଇଛି ।



ଅଭିଯୋଗ ଅନୁସାରେ, ନାଲସାର୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ମୁଖ୍ୟ ଅତିଥି କରାଯିବାକୁ ନେଇ ବିରୋଧ ହୋଇଥିଲା । ଏହା ପରେ ନାଲସାର୍‌ର ଛାତ୍ରମାନଙ୍କୁ ବିଭିନ୍ନ ରାଜ୍ୟ ବାର୍‌ରେ ପଞ୍ଜୀକରଣ ନ କରିବାକୁ ବିସିଆଇ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଦାବି ହୋଇଥିଲା ।ଏହି ନିର୍ଦ୍ଦେଶକୁ ନେଇ ସୋସିଆଲ୍ ମିଡିଆରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିଲା । ସିଜେପି ପ୍ରତିବାଦ ଧମକ ଦେବା ପରେ କିଛି ସମୟ ମଧ୍ୟରେ ବିସିଆଇ ନିଜ ନିର୍ଦ୍ଦେଶ ପ୍ରତ୍ୟାହାର କରିଥିବା ଖବର ଆସିଥିଲା । ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ମଧ୍ୟ ବିସିଆଇର ଭୂମିକା ଉପରେ ପ୍ରଶ୍ନ ଉଠାଇଥିବା ଦାବି କରାଯାଇଛି । ଏବେ ମନନ୍ ମିଶ୍ରାଙ୍କ ଇସ୍ତଫା ଦାବିକୁ ସିଜେପି ସମର୍ଥନ କରିବା ପରେ ବିବାଦ ଆହୁରି ତୀବ୍ର ହୋଇଛି ।

# ପାକିସ୍ତାନରେ ଚୀନ୍-ତୁର୍କୀର 'ଗୁପ୍ତ' ବିମାନ !

**ନୂଆଦିଲ୍ଲୀ,୨୦।୮(ଏଜେନ୍ସି):** ପାକିସ୍ତାନରେ ଚୀନ୍ ଓ ତୁର୍କୀର ସାମରିକ ବିମାନର ଅସାଧାରଣ ଗତିବିଧିକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି । ଗତ ପ୍ରାୟ ୬୦ ଘଣ୍ଟା ମଧ୍ୟରେ ଉଭୟ ଦେଶର ଏକାଧିକ ସାମରିକ ପରିବହନ ବିମାନ ପାକିସ୍ତାନର ପ୍ରମୁଖ ଏୟାରବେସ୍‌ରେ ଅବତରଣ କରିଥିବା ଦାବି କରାଯାଇଛି । ଏତେ କମ୍ ସମୟ ମଧ୍ୟରେ ବାରମ୍ବାର ସାମରିକ ବିମାନ ଆସିବା ଘଟଣାକୁ ନେଇ ପାକିସ୍ତାନକୁ ବଡ଼ ଧରଣର ପ୍ରତିରକ୍ଷା ସାମଗ୍ରୀ ପଠାଯାଉଥିବା ନେଇ ଅନୁମାନ କରାଯାଉଛି । ସୁରକ୍ଷା ସୂତ୍ରଙ୍କ ଅନୁସାରେ, ଚୀନ୍‌ର ସାମରିକ ପରିବହନ ବିମାନ ରାୱଲପିଣ୍ଡି ନିକଟସ୍ଥ ନୁର୍ ଖାନ୍ ଏୟାରବେସ୍ ଏବଂ କରାଚୀର ମସରୁର୍ ଏୟାରବେସ୍‌ରେ ପହଞ୍ଚିଥିବା କୁହାଯାଉଛି । ଏହା ସହ ତୁର୍କୀର ଏକ ସାମରିକ ପରିବହନ ବିମାନ ମଧ୍ୟ ପାକିସ୍ତାନରେ ଅବତରଣ କରିଥିବା ଦାବି ହୋଇଛି । ତେବେ ସବୁଠୁ ବଡ଼ ପ୍ରଶ୍ନ ଏହି ବିମାନଗୁଡ଼ିକରେ କ'ଣ ଆସିଛି ଏନେଇ ଏପର୍ଯ୍ୟନ୍ତ କୌଣସି ସରକାରୀ ସ୍ପଷ୍ଟତା ମିଳିନାହିଁ । କିଛି ସୁରକ୍ଷା ସୂତ୍ର ଦାବି କରୁଛନ୍ତି ଯେ ପାକିସ୍ତାନକୁ ଡ୍ରୋନ ଓ ଅନ୍ୟାନ୍ୟ ପ୍ରତିରକ୍ଷା ଉପକରଣ ପହଞ୍ଚିଥାଇପାରେ । କିନ୍ତୁ କେଉଁ ଅସ୍ତ୍ର, କେତେ ସଂଖ୍ୟାରେ କିମ୍ବା କେଉଁ ମଡେଲ୍‌ର ଡ୍ରୋନ ଆସିଛି, ତାହା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ । ତେଣୁ ଏହି ଦାବିକୁ ଏବେ କେବଳ ସମ୍ଭାବନା ଭାବେ ଦେଖାଯାଉଛି ।ପାକିସ୍ତାନର ସାମରିକ ଆଧୁନିକୀକରଣରେ ଚୀନ୍‌ର ଭୂମିକା ଦୀର୍ଘଦିନର । ଯୁଦ୍ଧ ବିମାନ, ଡ୍ରୋନ୍, ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏବଂ ଅନ୍ୟାନ୍ୟ ସାମରିକ ପ୍ରଯୁକ୍ତି କ୍ଷେତ୍ରରେ ଦୁଇ ଦେଶର ଘନିଷ୍ଠ ସହଯୋଗ ରହିଛି । ଅନ୍ୟପଟେ ତୁର୍କୀ ସହ ପାକିସ୍ତାନର ପ୍ରତିରକ୍ଷା ସମ୍ପର୍କ ମଧ୍ୟ ଦ୍ରୁତ ଗତିରେ ବଢୁଛି । ଡ୍ରୋନ, ନୌସେନା ପ୍ରଣାଳୀ ଏବଂ ବିମାନ ପ୍ରଯୁକ୍ତି କ୍ଷେତ୍ରରେ ଦୁଇ ଦେଶ ସହଯୋଗ କରୁଛନ୍ତି ।ବିଶେଷକରି ପାକିସ୍ତାନ ଓ ତୁର୍କୀ ମଧ୍ୟରେ ଯୁଦ୍ଧ ବିମାନ ଏବଂ ନୂଆ ସାମରିକ ପ୍ରଯୁକ୍ତି ନେଇ ସହଯୋଗ ବଢୁଥିବା ଖବର ଆସିଛି। ତୁର୍କୀର କାନ୍ ପଞ୍ଚମ ପିଢ଼ିର ଯୁଦ୍ଧ ବିମାନ କାର୍ଯ୍ୟକ୍ରମରେ ପାକିସ୍ତାନୀ ଇଞ୍ଜିନିୟର ଓ ଅଧିକାରୀମାନେ ସାମିଲ ଥିବା ମଧ୍ୟ କୁହାଯାଉଛି। ଏହା ସହ ଅଗଷ୍ଟ ୭ରେ ପାକିସ୍ତାନ, ତୁର୍କୀ ଓ ସାଉଦି ଆରବ ମଧ୍ୟରେ ହୋଇଥିବା ପ୍ରତିରକ୍ଷା ଚୁକ୍ତି ମଧ୍ୟ ଏହି ସମୀକରଣକୁ ଆହୁରି ଗୁରୁତ୍ୱ ଦେଇଛି । ତିନି ଦେଶ ଏହାକୁ ପ୍ରତିରକ୍ଷା ଚୁକ୍ତି ବୋଲି କହିଥିବା ବେଳେ, କୌଣସି ନିର୍ଦ୍ଦିଷ୍ଟ ଦେଶ ବିରୋଧରେ ଏହା ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି। ତେବେ ଚୀନ୍ ଓ ତୁର୍କୀର ସାମରିକ ବିମାନର ଏହି ଅସାଧାରଣ ଗତିବିଧି ଆଞ୍ଚଳିକ ସୁରକ୍ଷା ଦୃଷ୍ଟିରୁ ନୂଆ ଚର୍ଚ୍ଚା ସୃଷ୍ଟି କରିଛି । ବିଶେଷକରି ଭାରତ-ପାକିସ୍ତାନ ସାମରିକ ସମୀକରଣ ମଧ୍ୟରେ ଏହି ଘଟଣା ଉପରେ ସୁରକ୍ଷା ବିଶେଷଜ୍ଞଙ୍କ ନଜର ରହିଛି ।

# ସେନ୍‌ସେକ୍ସରେ ୬୨୮ ପଏଣ୍ଟ ବୃଦ୍ଧି

**ନୂଆଦିଲ୍ଲୀ,୨୦।୮(ଏଜେନ୍ସି):** ସୂଚନା ପ୍ରଯୁକ୍ତି ଓ ଆର୍ଥିକ ସେବା କ୍ଷେତ୍ରର ସେୟାରଗୁଡିକରେ ଅଧିକ ନିବେଶ ହେବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ଆଜି ୬୨୮ ପଏଣ୍ଟ ବୃଦ୍ଧି ପାଇ ୭୭,୫୩୭.୭୨ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ ?ଟି ମଧ୍ୟ ୧୫୩.୫୫ ପଏଣ୍ଟ ବୃଦ୍ଧି ପାଇ ୨୪,୨୩୧.୮୫ ପଏଣ୍ଟରେ ବନ୍ଦ ହୋଇଛି। ଲଗାତାର ସାତଟି ଅଧିବେଶନରେ ହ୍ରାସ ପାଇବା ପରେ ଆଜି ନିଫ୍‌ଟି ଏହି ସୁଧାର ଦେଖିବାକୁ ମିଳିଛି।ଗୁରୁବାର ବଜାରରେ ଜୋମାଟୋ, ଶ୍ରୀରାମ ଫାଇନାନ୍ସ, ଆଇଟିସି, ବଜାଜ ଫାଇନାନ୍ସ, ଆକ୍ସିସ୍ ବ୍ୟାଙ୍କ, ଅଲ୍‌ଟ୍ରାଟେକ୍ ସିମେଣ୍ଟ, ଇନ୍‌ଫୋସିସ୍, ପାୱାରଗ୍ରିଡ୍, ଏଲ୍‌ଆଣ୍ଡଟି, ହିନ୍ଦୁସ୍ତାନ ୟୁନିଲିଭର, ଏନ୍‌ଟିପିସି, ଭାରତୀ ଏୟାରଟେଲ୍, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ଟ୍ରେଣ୍ଟ, ଆଦାନୀ ପୋର୍ଟସ ଓ କୋଟକ୍ ମହିନ୍ଦ୍ରା ବ୍ୟାଙ୍କର ସେୟାର ମୂଲ୍ୟ ବଢିଥିଲା। ସେହିପରି, ଟାଟା ଷ୍ଟିଲ୍, ଇଣ୍ଡିଗୋ, ଏଚ୍‌ସିଏଲ୍ ଟେକ୍ ?, ଟାଇଟାନ୍, ବିଇଏଲ୍, ଷ୍ଟେଟ୍ ବ୍ୟାଙ୍କ, ସନ୍ ଫାର୍ମା, ଏସିଆନ୍ ପେଣ୍ଟ୍ସ, ବଜାଜ ଫିନ୍‌ସର୍ଭ, ରିଲାଏନ୍ସ, ମହିନ୍ଦ୍ରା, ଆଇସିଆଇସିଆଇ ବ୍ୟାଙ୍କ, ମାରୁତି ସୁଜୁକି ଓ ହିଣ୍ଡାଲ୍‌କୋର ସେୟାର ମୂଲ୍ୟ ହ୍ରାସ ପାଇଥିଲା। ଅଶୋଧିତ ତୈଳ ଦରରେ ବୃଦ୍ଧି ଓ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଅନିଶ୍ଚିତତା ଲାଗି ରହିଥିବାରୁ ନିୟମିତ ବ୍ୟବଧାନରେ ବଜାରରେ ହ୍ରାସ ଘଟୁଛି। କିନ୍ତୁ ଆଜି ସେଥିରେ ବ୍ୟତିକ୍ରମ ଘଟିଥିଲା। ନିବେଶକମାନେ ସେୟାର କିଣାରେ ନିବେଶ କରିବାରୁ ଉଭୟ ସେନ୍‌ସେକ୍ସ ଓ ନିଫ୍‌ଟିରେ ବୃଦ୍ଧି ଘଟିଛି।

# ପୁଲିସର ନିର୍ଯାତନା ଓ ବଳପ୍ରୟୋଗ ଅଭିଯୋଗର ତଦନ୍ତ ପାଇଁ ସୁପ୍ରିମ୍‌କୋର୍ଟଙ୍କ ୫-ଜଣିଆ କମିଟି ଗଠନ

**ନୂଆଦିଲ୍ଲୀ,୨୦।୮(ଏଜେନ୍ସି):** ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରତିବାଦରେ ଦିଲ୍ଲୀର ଜନ୍ତରମନ୍ତର ସମେତ ବିଭିନ୍ନ ରାଜ୍ୟରେ ଶାନ୍ତିପୂର୍ଣ୍ଣ ଆନ୍‌ଦୋଳନ କରୁଥିବା ଛାତ୍ରଛାତ୍ରୀ ଓ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ, ପାରାମିଲିଟାରୀ ଏବଂ ସୁରକ୍ଷାବଳ ଦ୍ୱାରା ଅତ୍ୟାଚାର ଓ ମାତ୍ରାଧିକ ବଳପ୍ରୟୋଗ ଅଭିଯୋଗର ତଦନ୍ତ ପାଇଁ ସୁପ୍ରିମ୍ କୋର୍ଟ ଗୁରୁବାର ଏକ ୫-ଜଣିଆ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି (ଏଚପିଇସି) ଗଠନ କରିଛନ୍ତି। ବିଶେଷ କରି ମହିଳା ଆନ୍ଦୋଳନକାରୀଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାର, ଯୌନ ନିର୍ଯାତନା ଏବଂ ଗୁରୁତର ଆଘାତ ମାମଲାଗୁଡ଼ିକୁ ପ୍ରାଥମିକତା ଦେଇ ତଦନ୍ତ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।ଏହି ସମ୍ବେଦନଶୀଳ ମାମଲାର ପ୍ରମାଣ ନଷ୍ଟ ନହେବା ପାଇଁ ଆନ୍‌ଦୋଳନ ସମୟର



ସିସିଟିଭି ଫୁଟେଜ୍, ଡ୍ରୋନ୍ ରେକର୍ଡିଂ, ବଡି-କ୍ୟାମ୍ ଫୁଟେଜ୍ ଏବଂ ପିସିଆର୍ କଲ୍ ରେକର୍ଡ ସୁରକ୍ଷିତ ରଖିବାକୁ କୋର୍ଟ ଆଦେଶ ଦେଇଛନ୍ତି। ଏହାସହ ଅଟକ ରହିଥିବା ନାବାଳକମାନଙ୍କୁ ତୁରନ୍ତ ଛାଡ଼ିବାକୁ ଏବଂ ଆନ୍ଦୋଳନକାରୀଙ୍କ ବ୍ୟକ୍ତିଗତ ତଥ୍ୟକୁ ସାର୍ବଜନୀନ ନକରି ଗୋପନ ରଖିବାକୁ ପୁଲିସକୁ କୁହାଯାଇଛି। ପୁଲିସ ଦ୍ୱାରା ଲାଠିଚାର୍ଜ, ଲୁହୁବୁହା ଗ୍ୟାସ୍, ଇଲେକ୍ଟ୍ରିକ୍ ବାଡ଼ି ଏବଂ ପେଲେଟ୍ ଗନର ବ୍ୟବହାର ଯାଞ୍ଚ କରିବା ସହ ଧାତବ ପେଲେଟ୍ ଶୁଟ୍ କରୁଥିବା ପମ୍ପ-ଆକ୍ସନ୍ ରାଇଫଲକୁ ଆଗାମୀ ଦିନରେ ସମ୍ପୂର୍ଣ୍ଣ ବ୍ୟାନ୍ କରାଯିବ କି ନାହିଁ, ସେ ନେଇ କମିଟି ଅନୁଧ୍ୟାନ କରିବ। ଆନ୍ଦୋଳନ ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ନାଗରିକଙ୍କ ସାମ୍ବିଧାନିକ ଗଣତାନ୍ତ୍ରିକ ଅଧିକାର ମଧ୍ୟରେ ସମନ୍ୱୟ ରକ୍ଷା କରିବା, ଆନ୍‌ଦୋଳନକାରୀଙ୍କ ଉପରେ ପୁଲିସର ବେଆଇନ୍ ନଜରଦାରି ଯାଞ୍ଚ କରିବା ଏବଂ କାର୍ଯ୍ୟରତ ପୁଲିସ ଯବାନଙ୍କ ପାଇଁ ନାମଫଳକ ଓ ୟୁନିଫର୍ମ ବାଧ୍ୟତାମୂଳକ କରିବା ସମ୍ପର୍କରେ ଏହି କମିଟି ସୁପାରିଶ ପ୍ରଦାନ କରିବ।



# କେୟାର ହେଲଥ୍ ଇନସ୍ୟୁରାନ୍ସ ପକ୍ଷରୁ ମଶା ବାହିତ ରୋଗ ସମ୍ପର୍କରେ ଜନସ୍ୱାସ୍ଥ୍ୟ ପରାମର୍ଶ ଜାରି

**ଭୁବନେଶ୍ୱର, ୨୦।୮ (ନି.ପ୍ର) :** ମୌସୁମୀ ପ୍ରଭାବରେ ଡେଙ୍ଗୁ, ମ୍ୟାଲେରିଆ ଓ ଚିକୁନଗୁନିଆ ଭଳି ମଶା ବାହିତ ରୋଗର ଆଶଙ୍କା ବଢ଼ିଥିବାରୁ କେୟାର ହେଲଥ୍ ଇନସ୍ୟୁରାନ୍ସ ପକ୍ଷରୁ ନାଗରିକମାନଙ୍କୁ ସଜାଗ ରହିବା, ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଓ ସମୟୋଚିତ ଚିକିତ୍ସା ସେବା ନେବା ପାଇଁ ଅନୁରୋଧ କରି ଏକ ଜନସ୍ୱାସ୍ଥ୍ୟ ପରାମର୍ଶ ଜାରି କରାଯାଇଛି । ଏହି ରୋଗଗୁଡ଼ିକ ଅଧିକାଂଶ ସମୟରେ ପ୍ରତିରୋଧ ଯୋଗ୍ୟ ହୋଇଥିବା ବେଳେ ମୌସୁମୀ ସମୟରେ ତାହା ବାରମ୍ବାର ଦେଖାଦେଉଥିବା ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ ଯାହା ପ୍ରାୟତଃ ଗମ୍ଭୀର ଅସୁସ୍ଥତା ଓ ଅପ୍ରତ୍ୟାଶିତ ଚିକିତ୍ସା ଖର୍ଚ୍ଚର କାରଣ ହୋଇଥାଏ । ଭାରତ ମୌସୁମୀ ଋତୁ ପ୍ରମୁଖ ସମୟରେ ପ୍ରବେଶ କରୁଥିବାରୁ ଋତୁକାଳୀନ ସ୍ୱାସ୍ଥ୍ୟଗତ ପ୍ରଭାବକୁ କମ୍ କରିବା ପାଇଁ ଜନସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ପ୍ରସ୍ତୁତି ବ୍ୟବସ୍ଥାକୁ ଜୋରଦାର କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅନୁଯାୟୀ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ରୋଗ ଉପରେ ନଜର ରଖିବା, ଭେକ୍ଟର ନିୟନ୍ତ୍ରଣ, ଗୋଷ୍ଠୀ ସଚେତନତା ଓ ସ୍ୱାସ୍ଥ୍ୟସେବା ପ୍ରସ୍ତୁତିକୁ ସୁଦୃଢ଼ କରିବାକୁ ପରାମର୍ଶ ଦିଆଯାଇଛି । ଏହି ସମାନ ପରିସ୍ଥିତିରେ ହସ୍ପିଟାଲଗୁଡ଼ିକ ଶଯ୍ୟା, ଔଷଧ, ରୋଗ ନିରୂପଣ, ରକ୍ତର ଉପାଦାନ ଓ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ପର୍ଯ୍ୟାପ୍ତ ଉପଲବ୍ଧତା ନିଶ୍ଚିତ କରିବା ପାଇଁ ଉପାୟ ପ୍ରସ୍ତୁତ କରୁଛନ୍ତି ଯାହା ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିପାରୁଥିବା କୌଣସି ବି ମାମଲାର ବୃଦ୍ଧିକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରାଯାଇପାରିବ ।

ଅପ୍ରତ୍ୟାଶିତ ଚିକିତ୍ସା ଆବଶ୍ୟକତା ପରିବାରଗୁଡ଼ିକ ଉପରେ ଆର୍ଥିକ ଚାପ ସୃଷ୍ଟି କରିଥାଏ । କେୟାର ହେଲଥ୍ ଇନସ୍ୟୁରାନ୍ସ ଲୋକମାନଙ୍କୁ ନିମ୍ନଲିଖିତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦେଉଛି: ଆପଣଙ୍କ ଘର ଓଚାରିପାଖକୁ ନିୟମିତ ଭାବରେ ନିରୀକ୍ଷଣ କରନ୍ତୁ ଏବଂ କୁଲର, ବାଲଟି, ଫୁଲକୁଣ୍ଡ, ଟାୟାର, ଓଭରହେଡ୍ ଟାଙ୍କି ଓ ଅନ୍ୟାନ୍ୟ ପାତ୍ର ଯେଉଁଠାରେ ମଶା ବଂଶବୃଦ୍ଧି କରିପାରନ୍ତି ସେଠାରୁ ଜମା ହୋଇଥିବା ପାଣି ବାହାର କରନ୍ତୁ । ମଶା ନିବାରକ ବ୍ୟବହାର କରନ୍ତୁ । ପୂରା ଶରୀର ଘୋଡ଼ାଇ ହେଉଥିବା ପୋଷାକ ପିନ୍ଧନ୍ତୁ ଏବଂ ଛୋଟପିଲା, ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଓ ପୂର୍ବରୁ ସ୍ୱାସ୍ଥ୍ୟ ସମସ୍ୟା ଥିବା ବ୍ୟକ୍ତିମାନଙ୍କ ପାଇଁ ମଶା ସ୍କ୍ରିନ୍ କିମ୍ବା ମଶାରୀ ଲଗାନ୍ତୁ । ଯଦି ଆପଣ କ୍ରମାଗତ ଜ୍ୱର, ପ୍ରବଳ ମୁଣ୍ଡବିନ୍ଧା, ଶରୀର ବିନ୍ଧା, କ୍ଲାନ୍ତି କିମ୍ବା ମଶାବାହିତ ରୋଗ ସହିତ ଜଡ଼ିତ ଅନ୍ୟାନ୍ୟ ଲକ୍ଷଣ ଅନୁଭବ କରୁଛନ୍ତି ତେବେ ନିଜର ଚିକିତ୍ସା କରାନ୍ତୁ । ନିଜେ ଔଷଧ ଖାଇବାରୁ ନିବୃତ ରୁହନ୍ତୁ ଏବଂ ନିର୍ଦ୍ଧାରିତ ଚିକିତ୍ସାକୁ ସମ୍ପୂର୍ଣ୍ଣ କରନ୍ତୁ । ପର୍ଯ୍ୟାପ୍ତ ଜଳୀୟ ଅଂଶ ବଜାୟ ରଖନ୍ତୁ ଏବଂ ଦ୍ରୁତ ଆରୋଗ୍ୟ ପାଇଁ ଓ ଜଟିଳତାକୁ କମ୍ କରିବା ପାଇଁ ସମ୍ପୂର୍ଣ୍ଣ ଆରୋଗ୍ୟ ସମୟ ମଧ୍ୟରେ ଆପଣଙ୍କ ଡାକ୍ତରଙ୍କ ସୁପାରିସ ପାଳନ କରନ୍ତୁ । ଚିକିତ୍ସା ଓ ହସ୍ପିଟାଲ ଯତ୍ନରୁ ଉତ୍ପନ୍ନ ଆର୍ଥିକ ବୋଝକୁ କମ୍ କରିବାରେ ସାହାଯ୍ୟ କରିବା ପାଇଁ ଆପଣଙ୍କ ସ୍ୱାସ୍ଥ୍ୟ ବୀମା ସୁରକ୍ଷାକୁ ନିୟମିତ ସମୀକ୍ଷା କରନ୍ତୁ । ବର୍ତ୍ତମାନ ଅଧିକାଂଶ ପଲିସି 'ଡକ୍ଟର ଅନ୍ କଲ୍' ଭଳି ଭର୍ଚୁଆଲ୍ ପରାମର୍ଶ ସେବା ଯୋଗାଉଛନ୍ତି ଯାହା ଭେକ୍ଟର ବାହିତ ରୋଗର କୌଣସି ଲକ୍ଷଣ ଦେଖାଦେଲେ ପ୍ରଥମ ପଦକ୍ଷେପ ହୋଇପାରିବ ।

ସମସ୍ତ ଭେକ୍ଟର ବାହିତ ରୋଗ ପାଇଁ ହସ୍ପିଟାଲରେ ଭର୍ତ୍ତି ହେବା ଆବଶ୍ୟକ ନୁହେଁ । ଏହିସବୁ ଆରୋଗ୍ୟ ମଧ୍ୟରୁ ଅନେକ ରୋଗକୁ ଡାକ୍ତରଙ୍କ ପରାମର୍ଶ, ଔଷଧ ଓ ସଠିକ୍ ଚିକିତ୍ସା ନିୟମ ପାଳନ କରି ଘରେ ଚିକିତ୍ସା କରାଯାଇପାରିବ । କେୟାର ହେଲଥ୍ ଇନ୍ସ୍ୟୁରାନ୍ସ ପ୍ରତିଷେଧକ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିତ କରିବା ଓ ସମୟୋଚିତ ପଦକ୍ଷେପକୁ ଉତ୍ସାହିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛି । ସଚେତନତା, ପ୍ରାରମ୍ଭିକ ରୋଗ ନିରୂପଣ ଓ ସରଳ ପ୍ରତିଷେଧକ ବ୍ୟବସ୍ଥା ମଶାବାହିତ ରୋଗର ପ୍ରଭାବକୁ ହ୍ରାସ କରିବାରେ ଓ ସ୍ୱାସ୍ଥ୍ୟ ଫଳାଫଳରେ ସୁଧାର ଆଣିବାରେ ବହୁ ଦୂର ସହାୟକ ହୋଇପାରିବ ।

# ସିଣ୍ଟେକ୍ସ ପିଓର ସହିତ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାର ସୁରକ୍ଷା

**କଟକ,୨୦।୮ (ନି.ପ୍ର) :** ଜଳ ସଂରକ୍ଷଣ ସମାଧାନ କ୍ଷେତ୍ରରେ ଭାରତର ଅନ୍ୟତମ ବିଶ୍ୱସ୍ତ ନାମ 'ସିଣ୍ଟେକ୍ସ', ଏହାର ଆଣ୍ଟି-ମାଇକ୍ରୋବାୟଲ୍ ୱାଟର ଷ୍ଟୋରେଜ୍ ଟାଙ୍କି 'ସିଣ୍ଟେକ୍ସ ପିଓର'କୁ ମୌସୁମୀ ସମୟରେ ଏକ ନିର୍ଭରଯୋଗ୍ୟ ବିକଳ୍ପ ଭାବରେ ଉପସ୍ଥାପନ କରୁଛି, ଯେତେବେଳେ ସ୍ୱଚ୍ଛ ଏବଂ ନିରାପଦ ଜଳ ସଂରକ୍ଷଣ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ । ମୌସୁମୀ ଋତୁରେ ପ୍ରଦୂଷକ ଏବଂ କ୍ଷତିକାରକ ମାଇକ୍ରୋବାୟଲ୍ ବୃଦ୍ଧି ହେତୁ ଜଳ ଉତ୍ସଗୁଡ଼ିକ ବିଶେଷ ଭାବରେ ପ୍ରଦୂଷିତ ହେବାର ଆଶଙ୍କା ଥାଏ । ଟାଙ୍କି ମଧ୍ୟକୁ ଆସୁଥିବା ପ୍ରଦୂଷିତ ଜଳ ଟାଙ୍କିକୁ ଜୀବାଣୁମାନଙ୍କ ପ୍ରଜନନ ସ୍ଥଳରେ ପରିଣତ କରିପାରେ । ଉନ୍ନତ ଆଣ୍ଟି-ମାଇକ୍ରୋବାୟଲ୍ ପ୍ରଯୁକ୍ତିବିଦ୍ୟାରେ ନିର୍ମିତ ସିଣ୍ଟେକ୍ସ ପିଓର, ଆସୁଥିବା ଜଳର ଗୁଣବତ୍ତା ଯାହା ଯେପରି ଥିଲେ ମଧ୍ୟ, ଟାଙ୍କି ଭିତରେ ବ୍ୟାକ୍ଟେରିଆ, ଭୂତାଣୁ (ଭାଇରସ୍), କବକ (ଫଙ୍ଗସ୍) ଏବଂ ଶିଉଳି ବୃଦ୍ଧିକୁ ରୋକିବାରେ ସାହାଯ୍ୟ କରେ । ଏହା ସୀସା-ମୁକ୍ତ, NSF-




ପ୍ରମାଣିତ ଏବଂ ୧୦୦% ଫୁଡ୍-ଗ୍ରେଡ୍ ଭର୍ଜିନ୍ ପ୍ଲାଷ୍ଟିକରୁ ତିଆରି । ଏହା ବ୍ୟତୀତ, ଏହି ଟାଙ୍କିଟି ୧୦୦% ଟଠ ସୁରକ୍ଷିତ ବାହ୍ୟ ସ୍ତର ସହିତ ଆସେ, ଯାହା ଟଠ-ସୁରକ୍ଷିତ ଥ୍ରେଡେଡ୍ ଘୋଡଣୀ ଏବଂ ଆଣ୍ଟି-ମାଇକ୍ରୋବାୟଲ୍ ଭିତର ସ୍ତର ଦ୍ୱାରା ସମର୍ଥିତ, ଯାହା ଜଳକୁ ରୋଗଜୀବାଣୁ ସଂକ୍ରମଣରୁ ସୁରକ୍ଷିତ ରଖେ । ସିଣ୍ଟେକ୍ସ ପିଓର ୨୦ ବର୍ଷର ୱାରେଣ୍ଟି ସହିତ ଆସୁଛି, ଯାହା ଏହାକୁ ଏହାର ବର୍ଗ ତଥା ମୂଲ୍ୟ ବର୍ଗରେ ସ୍ୱତନ୍ତ୍ର କରିବା ସହ ଶିଳ୍ପ ମାନକକୁ ଅତିକ୍ରମ କରେ । ମୌସୁମୀ ଋତୁ ଆସୁଥିବାରୁ, ସିଣ୍ଟେକ୍ସ ଗ୍ରାହକମାନଙ୍କୁ ଏକ ଜଳ ସଂରକ୍ଷଣ ଟାଙ୍କି ବାଛିବା ସମୟରେ ସ୍ଥାୟିତ୍ୱ ସହିତ ସ୍ୱାସ୍ଥ୍ୟ ଏବଂ ନିରାପତ୍ତାକୁ ପ୍ରାଥମିକତା ଦେବାକୁ ଅନୁରୋଧ କରୁଛି କାରଣ ଷ୍ଟୋରେଜ୍ ଟାଙ୍କିର ଗୁଣବତ୍ତା ସିଧାସଳଖ ଜଳର ବିଶୁଦ୍ଧତା ଏବଂ ପରିବାରର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିନ୍ତା ବୃଦ୍ଧି ଏବଂ ଜଳର ଗୁଣବତ୍ତା ପ୍ରତି ବଢୁଥିବା ସଚେତନତା ସହିତ, ସିଣ୍ଟେକ୍ସ ପିଓର ଟାଙ୍କି ବଜାରର ଶସ୍ତା ବର୍ଗରେ ପ୍ରାଧାନ୍ୟ ବିସ୍ତାର କରୁଥିବା ନିମ୍ନମାନର, ପୁନଃଚକ୍ରଣ ପ୍ଲାଷ୍ଟିକ୍ ଟାଙ୍କି ସହିତ ଜଡ଼ିତ ଲୁକ୍କାୟିତ ବିପଦଗୁଡ଼ିକୁ ସିଧାସଳଖ ଦୂର କରେ । ଏହି ଉତ୍ପାଦଗୁଡ଼ିକ BPA, phthalates ଏବଂ ଅନ୍ୟାନ୍ୟ କର୍କଟ ରୋଗ ସୃଷ୍ଟିକାରୀ ବିଷାକ୍ତ ପଦାର୍ଥ ନିର୍ଗତ କରିପାରନ୍ତି ଯାହା ଦୀର୍ଘକାଳୀନ ସ୍ୱାସ୍ଥ୍ୟ ବିପଦ ସୃଷ୍ଟି କରେ । ସିଣ୍ଟେକ୍ସ ପିଓର ଶ୍ରେଣୀ ସ୍ୱାସ୍ଥ୍ୟ ସଚେତନ ଉପଭୋକ୍ତା ମାନଙ୍କ ପାଇଁ ଏକ ନିରାପଦ, ଉନ୍ନତ ବିକଳ୍ପ ପ୍ରଦାନ କରେ ।

# ନୁଭୋକୋ ପକ୍ଷରୁ ନୁଭୋ ମେସନ୍ ଆର.ପି.ଏଲ୍. ତାଲିମ କାର୍ଯ୍ୟକ୍ରମ ଆୟୋଜିତ

**ଭୁବନେଶ୍ୱର, ୨୦।୮ (ନି.ପ୍ର) :** ଭାରତର ଏକ ବିଶ୍ୱସ୍ତରୀୟ ନିର୍ମାଣ ସାମଗ୍ରୀ କମ୍ପାନୀ, ନୁଭୋକୋ ଭିଷ୍ଟାସ୍ କର୍ପୋରେସନ୍ ଲିମିଟେଡ୍ ପଶ୍ଚିମବଙ୍ଗର ପୂର୍ବ ବର୍ଦ୍ଧମାନ ଜିଲ୍ଲା ଅଂର୍ଗତ ଗୁସକରାର ନୁଭୋ ମେସନ୍ ତାଲିମ କେନ୍ଦ୍ରରେ ନିଜର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ 'ନୁଭୋ ମେସନ୍' ଅଧୀନରେ ୫୦ ଜଣ ରାଜମିସ୍ତ୍ରୀଙ୍କ ପାଇଁ 'ରେକଗ୍ନିସନ୍ ଅଫ୍ ପ୍ରାୟର ଲର୍ଣ୍ଣିଂ' ତାଲିମ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ କରିଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଭିଜ୍ଞ ନିର୍ମାଣ ଶ୍ରମିକମାନଙ୍କ ଦକ୍ଷତାକୁ ଆନୁଷ୍ଠାନିକ ମାନ୍ୟତା ପ୍ରଦାନ କରିବା ଏବଂ ସେମାନଙ୍କ କାର୍ଯ୍ୟଦକ୍ଷତାକୁ ଆହୁରି ମଜଭୁତ କରିବା । ଏଥିରେ ମୁଖ୍ୟତଃ ଅଣସଙ୍ଗଠିତ ନିର୍ମାଣ କ୍ଷେତ୍ରରୁ ଆସିଥିବା ଏବଂ ନିଜ କାର୍ଯ୍ୟଦକ୍ଷତାର ଆନୁଷ୍ଠାନିକ ପ୍ରମାଣପତ୍ର ଆଶାୟୀ ଏହି ଅଂଶଗ୍ରହଣକାରୀ ମାନଙ୍କୁ ସାଧାରଣ ରାଜମିସ୍ତ୍ରୀ କାମର ତାତ୍ତ୍ୱିକ ଓ ପ୍ରାୟୋଗିକ ବିଷୟଗୁଡ଼ିକ ଉପରେ ୬୦ ଘଂଟାର ତାଲିମ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟି



କୋଲକାତାର ଏମ୍.ଏନ୍.ଜି. ଏକାଡେମୀ ସହଯୋଗରେ ପରିଚାଳିତ ହୋଇଥିଲା । କାର୍ଯ୍ୟକ୍ରମର ବିଷୟବସ୍ତୁ ଜାତୀୟ ଦକ୍ଷତା ଯୋଗ୍ୟତା ଢାଂଚା (ଏନ୍.ଏସ୍.କ୍ୟୁ.ଏଫ୍.) ଅନୁଯାୟୀ ପ୍ରସ୍ତୁତ କରାଯାଇଥିଲା, ଯାହାକୁ ପାନାଗଡ଼ ସିମେଂଟ ପ୍ଲାଂଟର ପରିବେଶ ମୁଖ୍ୟ 'ଗ୍ରୀନ୍ କନଷ୍ଟ୍ରକସନ୍' ବିଷୟବସ୍ତୁକୁ ନେଇ ପରିଚାଳନା କରିଥିଲେ । ସଫଳ ମୂଲ୍ୟାଙ୍କନ ପରେ, ଅଂଶଗ୍ରହଣକାରୀ ମାନଙ୍କୁ ଏନ୍.ଏସ୍.ଡି.ସି. ସ୍ୱୀକୃତିପ୍ରାପ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ଟିପିଏସ୍ଓଡିଏଲ୍ ତରଫରୁ ଭୂତଳ ବିଦ୍ୟୁତ ସଂଯୋଗ ସହିତ ଛତ୍ରପୁରର ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ୀକରଣ

**ବ୍ରହ୍ମପୁର, ୨୦।୮ (ନି.ପ୍ର) :** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍), ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ତରଫରୁ ଛତ୍ରପୁରରେ ୩.୪କିମି ଭୂତଳ ବିଦ୍ୟୁତ ସଂଯୋଗ ହୋଇଛି । ଏହି ପ୍ରକଳ୍ପ ଜିଲ୍ଲା ମୁଖ୍ୟାଳୟ ପାଇଁ ଭରସାଯୋଗ୍ୟ ଏବଂ ଗୁଣାତ୍ମକ ବିଜୁଳି ସଂଯୋଗ ସୁନିଶ୍ଚିତ କରେ । ନୂତନ ୧୧ କେଭି ଭୂତଳ ବିଦ୍ୟୁତ ନେଟୱର୍କ ପ୍ରମୁଖ ସରକାରୀ ଏବଂ ପ୍ରାଶାସନିକ କାର୍ଯ୍ୟାଳୟ ପାଇଁ ଭରସାଯୋଗ୍ୟ, ନିରବଚ୍ଛିନ୍ନ ଏବଂ ଝଡ଼ ତୋଫାନ ସମୟରେ ବିଦ୍ୟୁତ ସେବା ସୁନିଶ୍ଚିତ କରେ । ଏଥିରେ ସଂଯୁକ୍ତ ହୋଇଥିବା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଗାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏସ୍ ପି ଅଫିସ ଏବଂ ଛତ୍ରପୁରର ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଅନ୍ତର୍ଭୁକ୍ତ । ସାଧାରଣ ପ୍ରଶାସନ କାର୍ଯ୍ୟାଳୟରେ ସେବା ପ୍ରଦାନ କରିବା ବ୍ୟତୀତ, ନୂତନ ଭୂତଳ ନେଟୱର୍କ ଛତ୍ରପୁରର ପ୍ରାୟ ୧,୦୦୦ ବାସିନ୍ଦାଙ୍କୁ ସୁରକ୍ଷିତ ଏବଂ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଇଥାଏ । ଏହା ସହରର ପ୍ରମୁଖ ବାଣିଜ୍ୟିକ ହବ୍ ପାଇଁ ବିଦ୍ୟୁତ ଯୋଗାଣକୁ ମଧ୍ୟ ସୁନିଶ୍ଚିତ କରିଥାଏ । ଏହି ପ୍ରକଳ୍ପରୁ ଉପକୃତ ହେଉଥିବା ପ୍ରମୁଖ ଅଞ୍ଚଳଗୁଡ଼ିକ ହେଉଛି ହାଇସ୍କୁଲ ରୋଡ୍, କାରିଣୀ ସାହି, ମାଛ ବଜାର ରାସ୍ତା, ଛତ୍ରପୁର ମେନ୍ ରୋଡ୍, ନୀଳକଣ୍ଠ ସାହି, କପିଳା ସାହି ଏବଂ ପାତ୍ର ସାହି । ଏହି ପ୍ରକଳ୍ପର ଏକ ପ୍ରମୁଖ ବୈଷୟିକ ବିଶେଷତ୍ୱ ହେଉଛି ତଳ ବସନ୍ତାଣ୍ଡ ଫିଡର ଏବଂ ଉପର ବସନ୍ତାଣ୍ଡ ଫିଡର ମଧ୍ୟରେ ଏକ ଉନ୍ନତ ଆନ୍ତଃସଂଯୋଗ । ଉଭୟ ଫିଡର୍ ଛତ୍ରପୁର



ପ୍ରାଥମିକ ସବଷ୍ଟେସନ୍ ଦ୍ୱାରା ଚାଳିତ । ଭୂତଳ କେବଲିଂ ମାଧ୍ୟମରେ ଏହି ଦୁଇଟି ଫିଡରକୁ ସଂଯୋଗ କରି, ଟିପିଏସ୍ଓଡିଏଲ୍ ବର୍ତ୍ତମାନ ବିଦ୍ୟୁତକୁ ଅଧିକ ଦକ୍ଷତାର ସହିତ ପୁନଃମାର୍ଗ କରିପାରିବ । ଏଥିସହିତ ଜରୁରୀକାଳୀନ ପରିସ୍ଥିତିରେ ବ୍ୟାକଅପ୍ ବ୍ୟବସ୍ଥା କରାଯାଇପାରିବ । ରକ୍ଷଣାବେକ୍ଷଣ କିମ୍ବା ଜରୁରୀକାଳୀନ ବ୍ରେକଡାଉନ୍ ସମୟରେ ଏହା ବିଦ୍ୟୁତ ପରିଚାଳନାକୁ ଅଧିକ ସହଜ କରିଥାଏ । ଏହାଦ୍ୱାରା ସମଗ୍ର ସହରକୁ ବିନା ବାଧାରେ ନିରନ୍ତର ବିଜୁଳି ସୁନିଶ୍ଚିତ ହୋଇପାରିବ । ଏ ସମ୍ପର୍କରେ ଶ୍ରୀ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍ଓଡିଏଲ୍ କହିଛନ୍ତି, 'ଆମର ବିତରଣ ନେଟୱର୍କକୁ ସୁଦୃଢ଼ ଏବଂ ସୁରକ୍ଷିତ ଭୂତଳ ଭିତ୍ତିଭୂମି ସହିତ ଆଧୁନିକୀକରଣ କରିବା ଟିପିଏସ୍ଓଡିଏଲର ଏକ ପ୍ରମୁଖ ଲକ୍ଷ୍ୟ । ଛତ୍ରପୁର ହେଉଛି ଗାମ ଜିଲ୍ଲାର ପ୍ରାଶାସନିକ କେନ୍ଦ୍ର । ଏଥିସହିତ ସୁଗମ ଜନସେବା ଓ ଜରୁରୀକାଳୀନ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏସପି ଅଫିସ ଏବଂ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଭଳି ପ୍ରମୁଖ ଅନୁଷ୍ଠାନ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ଜରୁରୀ । ଏହି ୩.୪ କିଲୋମିଟର ଭୂତଳ କେବଲିଂ ପ୍ରକଳ୍ପ କେବଳ ଆମର ବିଦ୍ୟୁତ ନେଟୱାର୍କକୁ ପ୍ରତିକୂଳ ପାଣିପାଗ ସମୟରେ ସୁରକ୍ଷିତ କରେ ନାହିଁ ବରଂ ବ୍ୟସ୍ତବହୁଳ ବାଣିଜ୍ୟିକ ରାସ୍ତାରେ ୧,୦୦୦ରୁ ଅଧିକ ସ୍ଥାନୀୟ ବାସିନ୍ଦା ଏବଂ ଦୋକାନୀଙ୍କ ପାଇଁ ସୁରକ୍ଷା ଏବଂ ବିଶ୍ୱସନୀୟତା ବୃଦ୍ଧି କରେ । ଟିପିଏସ୍ଓଡିଏଲ୍ ଏହାର ସମସ୍ତ ଗ୍ରାହକଙ୍କୁ ନିରବଚ୍ଛିନ୍ନ, ସୁରକ୍ଷିତ ଏବଂ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ପାଇଁ ତଥା ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ ଭିତ୍ତିଭୂମିର ଉନ୍ନତିକରଣ ପାଇଁ ପ୍ରତିବଦ୍ଧ ରହିଛି ।

# ଟୋଇଙ୍ଗ ଖାଦ୍ୟ ଆପ୍ ଏବେ କଟକରେ ଉପଲବ୍ଧ

**କଟକ, ୨୦।୮ (ନି.ପ୍ର) :** ସୁଲଭ ଖାଦ୍ୟ ଡେଲିଭରି ଆପ୍, ଟୋଇଙ୍ଗ କଟକରେ ଏହାର ଶୁଭାରମ୍ଭ କରିଛି । ଗତ ୧୧ ମାସ ମଧ୍ୟରେ, ଟୋଇଙ୍ଗ ଭାରତର ୫୭ଟି ସହରରେ ଏହାର ନେଟୱାର୍କକୁ ବିସ୍ତାର କରିଛି ଏବଂ ଏହାର ଆପ୍ ମାଧ୍ୟମରେ ଖାଦ୍ୟ/ପେୟରେ ପ୍ରତିଦିନ ସର୍ବନିମ୍ନ ସାମଗ୍ରୀ ମୂଲ୍ୟ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଛି, ଯାହା ରେଷ୍ଟୁରାଣ୍ଟ ଟେବୁଲ ମେନୁ ମୂଲ୍ୟ ସହିତ ମେଳ ଖାଉଛି କିମ୍ବା ତା'ଠାରୁ ଅଧିକ । ଏହା ସହିତ, ଟୋଇଂରେ ଦିଆଯାଉଥିବା କୌଣସି ଅର୍ଡରରେ କୌଣସି ପ୍ୟାକେଜିଂ ଚାର୍ଜ କିମ୍ବା ପ୍ଲାଟଫର୍ମ ଫି ନାହିଁ । ଏହା ଟୋଇଂକୁ ବଜାରରେ ଉପଲବ୍ଧ ସବୁଠାରୁ ସୁଲଭ ଖାଦ୍ୟ ବିତରଣ ଆପ୍ କରିଥାଏ । ବ୍ୟବହାରକାରୀମାନେ ୯୯ ଟଙ୍କାରୁ କମ୍ ମୂଲ୍ୟରେ ବିରିୟାନି, ବର୍ଗର ଏବଂ ପାତ୍ର ସମେତ ବିଭିନ୍ନ ପ୍ରକାରର ଖାଦ୍ୟ ଅର୍ଡର କରିପାରିବେ । କଟକ ବ୍ୟତୀତ, ଟୋଇଙ୍ଗଜାମସେଦପୁର, ଉଦୟପୁର, ଖଡ଼ଗପୁର ଏବଂ ଅମୃତସରରେ ମଧ୍ୟ ଏହାର ସେବା ଆରମ୍ଭ କରିଛି ।

ସମ୍ପ୍ରସାରଣ ସମ୍ପର୍କରେ ଟୋଇଙ୍ଗର ମୁଖ୍ୟ ବ୍ୟବସାୟ ଅଧିକାରୀ, ଶ୍ରୀ ସିଦ୍ଧାର୍ଥ ଭାକୁ କହିଛନ୍ତି, 'ଟୋଇଙ୍ଗ ଖାଦ୍ୟ ଡେଲିଭରି କ୍ଷେତ୍ରରେ ଏକ ନୂତନ ଗ୍ରାହକ ଶ୍ରେଣୀ ସୃଷ୍ଟି କରୁଛି ଏବଂ ବିଶେଷ ଭାବେ ଜେନ୍-ଜି, କଲେଜ ଛାତ୍ରଛାତ୍ରୀ ଏବଂ ମୂଲ୍ୟ-ସଚେତନ ଗ୍ରାହକମାନଙ୍କୁ ଲକ୍ଷ୍ୟ । କଟକରେ ଟୋଇଙ୍ଗର ଶୁଭାରମ୍ଭ ମୂଲ୍ୟ ପ୍ରସ୍ତାବର ଶକ୍ତି ଏବଂ ଯୁବ ଗ୍ରାହକଙ୍କ ବଢୁଥିବା ଆବଶ୍ୟକତା ପୂରଣ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହି ସହରରେ ଜେନ-ଜି ଏବଂ କଲେଜ ଛାତ୍ରଛାତ୍ରୀଙ୍କର ଏକ ବୃହତ୍ ଆଧାର ରହିଛି, ଯାହା ଟୋଇଙ୍ଗ ପାଇଁ ଏହାକୁ ଏକ ଆଦର୍ଶ ବଜାରରେ ପରିଣତ କରିଛି ।'




କଟକରେ, ଟୋଇଙ୍ଗ ପ୍ଲାଟଫର୍ମରେ ପୂର୍ବରୁ ତାଲିକାଭୁକ୍ତ ସହରର ପ୍ରସିଦ୍ଧ ରେଷ୍ଟୁରାଣ୍ଟଗୁଡ଼ିକୁ ପ୍ଲାଟଫର୍ମରେ ସାମିଲ କରି ଏହାର ସେବା ଆରମ୍ଭ କରିଛି । ଟୋଇଙ୍ଗର ସୁଲଭ ଏବଂ ସୁଲଭ ମୂଲ୍ୟ ମଡେଲ୍ ପ୍ରଥମ ଥର ଚାକିରି କରୁଥିବା ଏବଂ କଲେଜ ଛାତ୍ରମାନଙ୍କ ସହିତ ଭଲ କାମ କରିଛି, ନୂତନ ସହରଗୁଡ଼ିକୁ ଏହାର ବିସ୍ତାରକୁ ତ୍ୱରାନ୍ୱିତ କରିଛି । ଦୈନନ୍ଦିନ ସୁଲଭତା ଉପରେ ଧ୍ୟାନ ଦେଇ, ଟୋଇଙ୍ଗ ଏହାର ଉପଭୋକ୍ତାଙ୍କ ପାଇଁ ଅତୁଳନୀୟ ମୂଲ୍ୟ ଏବଂ ବିଶ୍ୱସନୀୟତା ସୁନିଶ୍ଚିତ କରୁଛି । ଏହି ଆପରେ କଟକର ଲୋକପ୍ରିୟ ସ୍ଥାନୀୟ ରେଷ୍ଟୁରାଂଟ ଯେପରିକି ଗ୍ରୀନ୍‌ଚିଲିଜ୍, ରାସୋଇ, ଡେଲି ବେଲି, ଫାଲ୍ଟୁ ରେଷ୍ଟୁରାଂଟ, ଚାରିକୋଲ୍ ଗ୍ରୀଲ୍, ବର୍ଗର ୯୯, ବର୍ଗର ୪୨୦, ବାୱାର୍ଚି ଏ/ସି ଫ୍ୟାମିଲି ରେଷ୍ଟୁରାଂଟ, ବମ୍ବେ ରେଷ୍ଟୁରାଂଟ, ସିଜନ୍ସ, ରଜନୀ'ସ୍ କିଚେନ୍, ଏବଂ ବର୍ଗର ସିଂହ (ବିଗ୍ ପାବୀ ବର୍ଗର), ବିକାନେ ବିରିୟାନି, ୱାଓ ମୋମୋ, ଫାସୋସ୍, ଓଲିଓ-ଦି ଉଡ୍ ଫାୟାର୍ଡ ପିଜେରିଆ, ବିଗିଜ୍ ବର୍ଗର, ଅଙ୍କଲ୍ ପିଟର୍ସ ପ୍ୟାନକେକ୍, କୌଜିନା କାଫେ - ଦି ଫୁଡ୍ କୋର୍ଟ, ଭାଡିଲାଲ୍ ଆଇସକ୍ରିମ୍ ଏବଂ ଜିଆନିଭଳି ବ୍ରାଣ୍ଡ ଉପଲବ୍ଧ, ଯାହା ଉତର ଭାରତୀୟ ଖାଦ୍ୟ, ଦକ୍ଷିଣ ଭାରତୀୟ ଖାଦ୍ୟ, ଚାଇନିଜ୍, ବିରିୟାନି, ଡେଜର୍ଟ ଏବଂ ପିଜା, ବର୍ଗର ଏବଂ ମୋମୋସ୍ ଭଳି ଫାଷ୍ଟ-ଫୁଡ୍ ବିକଳ୍ପ ସହିତ ବିଭିନ୍ନ ପ୍ରକାରର ଖାଦ୍ୟ ବିକଳ୍ପ ପ୍ରଦାନ କରେ । ସାରା ଭାରତରେ ୪.୫ ନିୟୁତରୁ ଅଧିକ ଡାଉନଲୋଡ୍ ଏବଂ ୪.୫ ର ଉଲ୍ଲେଖନୀୟ ରେଟିଂ ସହିତ, ଟୋଇଙ୍ଗ ମୂଲ୍ୟ-ଚାଳିତ ଖାଦ୍ୟ ବିତରଣ କ୍ଷେତ୍ରରେ ଏକ ଦୃଢ଼ ବିକଳ୍ପ ଭାବରେ ଉଭା ହେଉଥିବା ପରି ମନେ ହେଉଛି ।

# ଏଆଇ ମାଧ୍ୟମେର ନୂତନ ଦର୍ଶକଙ୍କ ନିକଟେର ପହଂଚୁଛି ଭାରତୀୟ ଏସଏମବି

**ଭୁବେନଶ୍ୱର, ୨୦।୮ (ନି.ପ୍ର):** ଆମାଜନ୍ ଆଡ୍ସ ଆଜି ଏକ ନୂତନ ଅଧ୍ୟୟନରୁ ନିଷ୍କର୍ଷ ପ୍ରକାଶ କରିଛି ଯେ ଏଆଇ କିପରି ଭାରତରେ କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟ (ଏସଏମବି) ପାଇଁ ବିଜ୍ଞାପନକୁ ରୂପାନ୍ତରିତ କରୁଛି ତାହା ଯାଞ୍ଚ କରୁଛି । କରାଯାଇଥିବା ଗବେଷଣାରୁ ଜଣାପଡିଛି ଯେ ଏଆଇ ବ୍ୟବସାୟଗୁଡ଼ିକୁ ମୂଲ୍ୟ, ଜଟିଳତା ଏବଂ ସୀମିତ ସମ୍ବଳର ପାରମ୍ପରିକ ପ୍ରତିବନ୍ଧକକୁ ଦୂର କରିବାରେ ସାହାଯ୍ୟ କରୁଛି, ଯାହା ଫଳରେ ଅତ୍ୟାଧୁନିକ ବିଜ୍ଞାପନ ପୂର୍ବ ଅପେକ୍ଷା ଅଧିକ ସୁଗମ ହୋଇଛି । ଦଶଟିରୁ ପ୍ରାୟ ନଅ ଜଣ (୮୭%) ଏସଏମବି କହିଛନ୍ତି ଯେ ଏଆଇ -ଚାଳିତ ବିଜ୍ଞାପନ ଉପକରଣଗୁଡ଼ିକ ସେମାନଙ୍କୁ ବିଜ୍ଞାପନ ଚ୍ୟାନେଲ, ଦର୍ଶକ କିମ୍ବା ଫର୍ମାଟଗୁଡ଼ିକୁ ପ୍ରବେଶ କରିବାରେ ସକ୍ଷମ କରିଛି ଯାହା ପୂର୍ବରୁ ପହଞ୍ଚିବା ବାହାରେ ଅନୁଭବ କରୁଥିଲା, ଯେଉଁଥିରେ ଷ୍ଟ୍ରିମିଂ ଟିଭି ଭଳି



ଉଚ୍ଚ-ପ୍ରଭାବଶାଳୀ ଭିଡିଓ ଫର୍ମାଟ୍ ଅନ୍ତର୍ଭୁକ୍ତ । ପ୍ରବେଶ ବିସ୍ତାର କରିବା ବ୍ୟତୀତ, ଏଆଇ ବ୍ୟବସାୟକୁ ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରୁଛି, ୭୫% କହିଛନ୍ତି ଯେ ଏଆଇ-ସକ୍ଷମ ବିଜ୍ଞାପନ ବ୍ୟବସାୟ ଅଭିବୃଦ୍ଧିକୁ ସମର୍ଥନ କରିଛି । ୬୮% କହିଛନ୍ତି ଯେ ଏହା ସରଳୀକୃତ ଉପକରଣ ଯୋଗୁଁ ସେମାନଙ୍କର ବିଜ୍ଞାପନରେ ଅଧିକ ସୃଜନଶୀଳତାକୁ ଅନଲକ୍ କରିଛି । ଏହି ପରପ୍ରେକ୍ଷୀରେ ଆମାଜନ୍ ଆଡ୍ସ ଇଣ୍ଡିଆ ଡାଇରେକ୍ଟର କପିଲ ଶର୍ମା କହିଛନ୍ତି, "ଆମେ ଭାରତୀୟ ଏସଏମବି ଗୁଡ଼ିକୁ ଏପରି ଆତ୍ମବିଶ୍ୱାସର ସହିତ ବିଜ୍ଞାପନ କରିବାକୁ ଦେଖୁଛୁ ଯାହା ଆମେ ପୂର୍ବରୁ ଦେଖିନାହୁଁ । ଭାରତରେ ଏଆଇ -ଚାଳିତ ଉପକରଣ ବ୍ୟବହାର କରୁଥିବା ଆମାଜନ୍ ବିଜ୍ଞାପନଦାତାଙ୍କ ଅଂଶ ବର୍ଷ ବର୍ଷ ଧରି ୭୭% ବୃଦ୍ଧି ପାଇଛି, ଏସଏମବି ଗୁଡ଼ିକ ଗତ ବର୍ଷ ତୁଳନାରେ ୨୦୨୬ କ୍ୟୁ୧ ରେ ସେହି ଉପକରଣଗୁଡ଼ିକ ସହିତ ୬୨% ଅଧିକ ବିଜ୍ଞାପନ ସୃଜନଶୀଳତା ସୃଷ୍ଟି କରୁଛନ୍ତି । ଆଜି, ଏଆଇ -ଚାଳିତ ଉପକରଣଗୁଡ଼ିକ ଷ୍ଟ୍ରିମିଂ ଟିଭି ଭଳି ଚ୍ୟାନେଲଗୁଡ଼ିକୁ ଖୋଲିବାରେ ଲାଗିଛି ଯାହା ଥରେ ବଡ଼ ବଜେଟ୍ ସହିତ ବଡ଼ ବ୍ରାଣ୍ଡ ପାଇଁ ସଂରକ୍ଷିତ ମନେ ହେଉଥିଲା । ଆମାଜନ୍ ଆଡ୍ସ ରେ, ଆମେ ସମସ୍ତ ଆକାରର ବ୍ୟବସାୟକୁ ସାହାଯ୍ୟ କରିବା ପାଇଁ ନିର୍ମିତ ସ୍ୱୟଂ-ସେବା ସମାଧାନ ପ୍ରଦାନ କରିବା ପାଇଁ ସେମାନଙ୍କ ପକ୍ଷରୁ ନବସୃଜନ ଉପରେ ଧ୍ୟାନ ଦେଉଛୁ,"

# ପିଡିଲାଇଟ୍‌ର ଆରଓଏଫଏଫ ପକ୍ଷରୁ ନୂତନ ବିଜ୍ଞାପନ ଅଭିଯାନ

**ଭୁବନେଶ୍ୱର, ୨୦।୮ (ନି.ପ୍ର) :** ପିଡିଲାଇଟ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଟାଇଲ୍ ଏବଂ ପଥର ଫିକ୍ସିଂ ସମାଧାନ ବ୍ରାଣ୍ଡ ଆରଓଏଫଏଫ ପକ୍ଷରୁ ଏକ ମଜାଦାର ଟେଲିଭିଜନ୍ ଅଭିଯାନ ଉନ୍ମୋଚନ କରାଯାଇଛି । ଓଜିଲଭି ଦ୍ୱାରା ଧାରଣା ବିକଶିତ ହୋଇଥିବା ଏହି ଟେଲିଭିଜନ୍ ବିଜ୍ଞାପନଟି କୋରକୋଆଇଜ ଦ୍ୱାରା ନିର୍ମିତ ହୋଇଛି । ଏହାର କାହାଣୀ ଏକ ଜେଲ୍ ପରିବେଶକୁ ନେଇ ଗଢ଼ିଉଠିଛି । ଏଥିରେ ଜଣେ କଏଦୀ ନିଜ ସେଲ୍‌ରେ ଲଗାଯାଇଥିବା



ନିମ୍ନମାନର ଟାଇଲ୍‌କୁ ନେଇ ବିରକ୍ତ ହୋଇପଡ଼ିଥିବା ଦେଖାଯାଇଛି । ଟାଇଲ୍‌ଗୁଡ଼ିକ ବାରମ୍ବାର ଖସିପଡ଼ିବା ଏବଂ ଭାଙ୍ଗିଯିବା ଯୋଗୁଁ ସେ ଅସୁବିଧାର ସମ୍ମୁଖୀନ ହେଉଛି । ଏହି ଅଭିଯାନ ସମ୍ପର୍କରେ ପିଡିଲାଇଟ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ମୁଖ୍ୟ ମାର୍କେଟିଂ ଅଧିକାରୀ, ଶ୍ରୀ ସନ୍ଦୀପ ତନୱାନୀ କହିଛନ୍ତି, 'ଭାରତର ଘର ଏବଂ ବାଣିଜ୍ୟିକ ସ୍ଥାନଗୁଡ଼ିକ ଦିନକୁ ଦିନ ଅଧିକ ଡିଜାଇନ୍-କେନ୍ଦ୍ରିକ ଏବଂ ପ୍ରିମିୟମ୍ ହେବାରେ ଲାଗିଥିବାରୁ, ବିଶେଷଜ୍ଞ ଟାଇଲ୍ ଏବଂ ପଥର ସ୍ଥାପନ ସମାଧାନର ଆବଶ୍ୟକତା ପୂର୍ବାପେକ୍ଷା ଅଧିକ ବଢ଼ିଛି । ତଥାପି, ଏହି ବର୍ଗର ପ୍ରବେଶ ହାର ମାତ୍ର ପ୍ରାୟ ୨୦-୨୫% ଥିବାରୁ, ଦୀର୍ଘକାଳୀନ ପ୍ରଦର୍ଶନ ସୁନିଶ୍ଚିତ କରିବାରେ ସଠିକ୍ ସ୍ଥାପନ ବ୍ୟବସ୍ଥାର ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି କରିବାର ଯଥେଷ୍ଟ ସୁଯୋଗ ରହିଛି । 'ଓଜିଲଭିର ପଶ୍ଚିମାଂଚଳର ସିଓଓ, ଶ୍ରୀ ଅନୁରାଗ ଅଗ୍ନିହୋତ୍ରୀ କହିଛନ୍ତିଯେ, 'ଲୋକମାନଙ୍କୁ ଟାଇଲ୍ ସ୍ଥାପନ ସମ୍ପର୍କରେ ପୁନର୍ବିଚାର କରାଇବାର ସର୍ବୋତମ ଉପାୟ ହେଉଛି, ପାରମ୍ପରିକ ସମାଧାନରେ ଲଗାଯାଇଥିବା ଆମେ ଏକ ଜେଲ୍‌ର କାହାଣୀ ମାଧ୍ୟମରେ ଏହି ଦୁଇଟି ବାସ୍ତବତାକୁ ପାଖାପାଖି ଉପସ୍ଥାପନ କରିଛୁ ।' ଅଭିଯାନର ସୃଜନଶୀଳ ଚିନ୍ତାଧାରା ସମ୍ପର୍କରେ କୋରକୋଆଇଜ ଫିଲ୍ମର ସହ-ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ, ଶ୍ରୀ ପ୍ରସୂନ ପାଣ୍ଡେ କହିଛନ୍ତି, 'ଆରଓଏଫଏଫ ପାଇଁ କୌଣସି ବିଜ୍ଞାପନ ପ୍ରସ୍ତୁତ କରିବା ସମୟରେ, ଏକ ସାଧାରଣ ତଥା ବୈଷୟିକ ବିଷୟକୁ ନୂଆ, ଆକର୍ଷଣୀୟ ଏବଂ ମନୋରମ ଉପାୟରେ ଦର୍ଶାଇବା ସବୁବେଳେ ଏକ ସୃଜନଶୀଳ ଚ୍ୟାଲେ ହୋଇଥାଏ । କିନ୍ତୁ ଆରଓଏଫଏଫ ସହିତ କାମ କରିବା ଆମ ସମସ୍ତଙ୍କ ପାଇଁ ଏତେ ଆନନ୍ଦଦାୟକ ଯେ, ଏହାର ପ୍ରତିଫଳନ ଶେଷରେ ପ୍ରସ୍ତୁତ ବିଜ୍ଞାପନରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳେ ।

# ବେଦାନ୍ତ ଆଲୁମିନିୟମ୍ କୋଇଲା ଖଣି: ପ୍ରତିଭାର ଶକ୍ତିରେ ପ୍ରଗତିର ପଥେ

**ଭୁବନେଶ୍ୱର, ୨୦।୮ (ନି.ପ୍ର) :** ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ପରିଚାଳନାଗତ ସଫଳତା ପଛରେ ଏକ ଦୃଢ଼ କାର୍ଯ୍ୟବଳ ରହିଛି ଯାହା ବ୍ୟବସାୟ ସହିତ ତାଳଦେଇ ବୃଦ୍ଧି ପାଉଛି । ଓଡ଼ିଶାରେ ଜାମଖାନି, କୁରାଲୋଇ ଏବଂ ଘୋଘରପାଲିରେ ୮୦ ରୁ ଅଧିକ ଯୁବ ପେସାଦାର ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟ କାର୍ଯ୍ୟରେ ଯୋଗଦାନ କରୁଥିବାବେଳେ ବିଶେଷଜ୍ଞ ସୃଷ୍ଟି କରୁଛନ୍ତି, ନୂତନ ଅଭିଜ୍ଞତା ହାସଲ କରୁଛନ୍ତି ଏବଂ ବଡ ସୁଯୋଗ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି । ସେମାନଙ୍କର ଯାତ୍ରା ଏକ ଇକୋସିଷ୍ଟମ ଦ୍ୱାରା ସମର୍ଥିତ ଯାହା ନିରନ୍ତର ଶିକ୍ଷା, ନେତୃତ୍ୱ ବିକାଶ ଏବଂ ବୃତ୍ତିଗତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିଥାଏ । ବେଦାନ୍ତ ଆଲୁମିନିୟମ କୋଇଲା ଖଣିରେ, କ୍ୟାରିୟର ବିକାଶକୁ ଅନେକ ସୁଯୋଗ ମାଧ୍ୟମରେ ସମର୍ଥନ କରାଯାଇଥାଏ ଯାହା କର୍ମଚାରୀମାନଙ୍କୁ ଶିଖିବା ସହିତ ବିକାଶ ପାଇଁ ନୂତନ ମାର୍ଗ ଖୋଜିବାକୁ ଉତ୍ସାହିତ କରିଥାଏ । କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ ଏବଂ ଏକ୍ସ. ଏଲ. ଆର. ଆଇ. ଭଳି ବୈଶ୍ୱିକ ଅନୁଷ୍ଠାନଗୁଡ଼ିକରେ ଉଚ୍ଚ ଶିକ୍ଷା କାର୍ଯ୍ୟକ୍ରମ ଠାରୁ ଆରମ୍ଭ କରି ବେଦାନ୍ତର ପ୍ରମୁଖ ମହିଳା ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ 'ଭି-ଲିଡ୍' ରେ ଅଂଶଗ୍ରହଣ କରିବା ପର୍ଯ୍ୟନ୍ତ, କର୍ମଚାରୀମାନଙ୍କ ଦିଗଦର୍ଶନକୁ ସମ୍ପ୍ରସାରିତ କରିବା ଏବଂ



ନୂତନ ଦାୟିତ୍ୱ ପାଇଁ ପ୍ରସ୍ତୁତ ହେବା ଲାଗି ମଞ୍ଚ ପ୍ରଦାନ କରିଥାଏ । ଶ୍ରେଣୀଗୃହ ବାହାରେ ମଧ୍ୟ ଶିକ୍ଷା ଜାରି ରହିଛି । ଆଜି ପର୍ଯ୍ୟନ୍ତ ଆୟୋଜିତ ୫୦ ରୁ ଅଧିକ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ, କର୍ମଚାରୀମାନେ ବ୍ୟବସାୟର ବିଭିନ୍ନ ଦିଗକୁ ହାସଲ କରିବା ସହିତ ସେମାନଙ୍କର ବୈଷୟିକ, କାର୍ଯ୍ୟକ୍ଷମ ଏବଂ ପରିଚାଳନା ଦକ୍ଷତାକୁ ଆହୁରି ବିକଶିତ କରିଛନ୍ତି । ବୃତ୍ତିଗତ ବିକାଶ ଉପରେ ଧ୍ୟାନ ଦେବା ସହିତ, ସଂଗଠନ ଏହାର କାର୍ଯ୍ୟବଳ ମଧ୍ୟରେ ଅଧିକ ବିବିଧତା ମଧ୍ୟ ଦେଖୁଛି, ଯେଉଁଥିରେ ୪୦ ରୁ ଅଧିକ ମହିଳା ବୃତ୍ତିଗତ, ବିଭିନ୍ନ କାର୍ଯ୍ୟର ନେତୃତ୍ୱ ସମେତ, ଏହାର ନିରନ୍ତର ସଫଳତାରେ ଯୋଗଦାନ କରୁଛନ୍ତି । ଏହି ପ୍ରୟାସକୁ ପ୍ରଶଂସା କରି ବେଦାନ୍ତ ଆଲୁମିନିୟମ୍ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, "ଆମର ସଫଳତାର ମୂଳରେ ରହିଛନ୍ତି ଆମର ଲୋକମାନେ । ଯୁବ ପ୍ରତିଭାମାନଙ୍କୁ ଶିଖିବା, ଦାୟିତ୍ୱ ଗ୍ରହଣ କରିବା ଏବଂ ନେତୃତ୍ୱ ନେବାର ସୁଯୋଗ ଦେଇ ଆମେ ଏପରି ଦକ୍ଷତା ଓ ସାମର୍ଥ୍ୟ ବିକଶିତ କରୁଛୁ, ଯାହା ଆମର କାର୍ଯ୍ୟକଳାପକୁ ସୁଦୃଢ଼ କରିବା ସହିତ ଆମର ଭବିଷ୍ୟତକୁ ଆକାର ଦେବ ।'' ବିକାଶର ଏହି ସଂସ୍କୃତି ପାଇଁ ଉତ୍କର୍ଷତାକୁ ସ୍ୱୀକୃତି ଦେବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ବି. ୟୁ. ସି. ଇ. ଓ. ପୁରସ୍କାର, ବ୍ୟାବସାୟିକ ଉତ୍କର୍ଷ ପୁରସ୍କାର ଏବଂ ସାବାସ କାର୍ଡ କର୍ମଚାରୀ ଏବଂ ଦଳଗୁଡ଼ିକ ଭଳି ମଞ୍ଚ ମାଧ୍ୟମରେ ସେମାନଙ୍କ ଯୋଗଦାନ ପାଇଁ ପାଳନ କରାଯାଇଥାଏ, ଏପରି ଏକ କାର୍ଯ୍ୟସ୍ଥଳୀକୁ ପ୍ରୋତ୍ସାହିତ କରାଯାଇଥାଏ ଯେଉଁଠାରେ ପଦକ୍ଷେପ, ଉତ୍ତରଦାୟିତ୍ୱ ଏବଂ ଉଚ୍ଚ ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯାଇଥାଏ ଏବଂ ପୁରସ୍କୃତ କରାଯାଇଥାଏ । ସଫଳତାକୁ ସ୍ୱୀକାର କରିବା ବ୍ୟତୀତ, ଏହି ମଞ୍ଚଗୁଡ଼ିକ କର୍ମଚାରୀମାନଙ୍କୁ ମାଲିକାନା ଗ୍ରହଣ କରିବା, ଉଚ୍ଚ ମାନ ଅନୁସରଣ କରିବା ଏବଂ ସେମାନଙ୍କ ଭୂମିକାର ଆବଶ୍ୟକତା ବାହାରେ ଯୋଗଦାନ କରିବା ପାଇଁ ପ୍ରୋତ୍ସାହିତ କରିଥାଏ । ଏହି ସମସ୍ତ ପ୍ରୟାସ ମିଶି ଏପରି ଏକ ପରିବେଶ ଗଢ଼ି ତୋଳୁଛି, ଯେଉଁଠାରେ ଶିକ୍ଷା ଏବଂ ବୃତ୍ତିଗତ ଅଭିବୃଦ୍ଧି ଏକା ସାଙ୍ଗରେ ହୋଇଥାଏ । ଯୁବ ପେସାଦାରମାନେ ଅଧିକ ଦାୟିତ୍ୱ ନେବା ପାଇଁ ଆବଶ୍ୟକ ଅଭିଜ୍ଞତା ଓ କାର୍ଯ୍ୟକ୍ଷେତ୍ରର ଅନୁଭବ ହାସଲ କରୁଥିବାବେଳେ, ମହିଳାମାନେ ନିଜର ଦକ୍ଷତା ବିକଶିତ କରି ନେତୃତ୍ୱ ଭୂମିକାରେ ଆଗକୁ ବଢୁଛନ୍ତି । ଆନୁଷ୍ଠାନିକ ଶିକ୍ଷା, ସୁବ୍ୟବସ୍ଥିତ ବିକାଶମୂଳକ କାର୍ଯ୍ୟକ୍ରମ କିମ୍ବା କାର୍ଯ୍ୟକ୍ଷେତ୍ରରେ ପ୍ରତ୍ୟକ୍ଷ ଅଭିଜ୍ଞତା ଯେକୌଣସି ମାଧ୍ୟମରେ ନିଜର ଦକ୍ଷତାକୁ ନିରନ୍ତର ବିକଶିତ କରିବା ପାଇଁ କର୍ମଚାରୀମାନଙ୍କୁ ପ୍ରୋତ୍ସାହିତ କରାଯାଉଛି । ବେଦାନ୍ତ ଆଲୁମିନିୟମ୍ କୋଇଲା ଖଣି ପାଇଁ ଲୋକମାନଙ୍କ ଉପରେ ନିବେଶ କରିବା ଏକ ସୁଦୃଢ଼ କାର୍ଯ୍ୟକ୍ଷେତ୍ର ଗଢ଼ିବା ସହ ଘନିଷ୍ଠ ଭାବେ ଜଡ଼ିତ । ଶିଖିବା, ଦାୟିତ୍ୱ ଗ୍ରହଣ କରିବା ଏବଂ ବିକଶିତ ହେବାର ସୁଯୋଗ ସୃଷ୍ଟି କରି ସଂଗଠନ ନିଜର ପ୍ରତିଭା ଭଣ୍ଡାରକୁ ସୁଦୃଢ଼ କରୁଛି ଏବଂ ବ୍ୟବସାୟର ପରିବର୍ତ୍ତନଶୀଳ ଆବଶ୍ୟକତା ପୂରଣ ପାଇଁ ନିଜ କର୍ମବଳକୁ ପ୍ରସ୍ତୁତ କରୁଛି ।

